# ବିଜୁ ଜନତା ଦଳର ସାଂଗଠନିକ ବୈଠକ




**ଟମକା,୨୮ ।୧(ସମିସ):** ଦାନଗଦି ବ୍ଲକର କିଆଝର, ଦେଉଳକଣ, ଓସ୍ତପାଳ, ବାଙ୍ଗରକୋଟା, ନାଛିପୁରା, ଗୋବର୍ଦ୍ଧନପୁର, ଉଜବାଳି ଓ ସାଳିଜଙ୍ଗା ପଞ୍ଚାୟତର ଛାମୁଆ ନେତା, କର୍ମୀଙ୍କୁ ନେଇ ଗୋବର୍ଦ୍ଧନପୁର ପଞ୍ଚାୟତ ଯଅଁର ଗ୍ରାମର ମା' ଖଣ୍ଡୁରାଈଶାଳଠାରେ ବିଜୁ ଜନତା ଦଳର ବ୍ଲକ୍ ସଭାପତି ସୁରେଶ ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଗତ ନିର୍ବାଚନ ବହୁତ ଶିକ୍ଷା ଦେଲା । ରାଜନୀତିରେ ହାରଜିତ୍ ଲାଗିରହିବ । ବିଜେଡି ସରକାର ସାଧାରଣ ଲୋକଙ୍କ ପାଇଁ ଅନେକ ଭଲ କାମ କରିଛି । ତେଣୁ ଲୋକେ ଆଜି ଆମ ସମସ୍ତଙ୍କର ପ୍ରିୟ ମଣିଷ ନବୀନ ପଟ୍ଟନାୟକଙ୍କୁ ଝୁରି ହେଉଛନ୍ତି । ସେଥିପାଇଁ ଆଜିଠାରୁ ପ୍ରତି ଗାଁରେ ସାଧାରଣ ଲୋକଙ୍କ ସହିତ ଦୁଃଖସୁଖରେ ଯୋଡି ହୁଅ । ତାଙ୍କର ସମସ୍ୟା ବୁଝି ସମାଧାନ କରିବାକୁ ଚେଷ୍ଟା କର । ନିଜ ଭିତରେ ଏକତା ରକ୍ଷା କରି କାମ କର । ମୁଁ ନୁହେଁ ଆମେ ଭାବି କାମ କର । ଏପରି କର୍ମୀଙ୍କୁ ଗୁରୁମନ୍ତ୍ର କିଛି ଦେଇଥିଲେ । ସଭା ଆରମ୍ଭରୁ ୯ଟି ପଞ୍ଚାୟତର ସଭାପତି ନିଜ ପଞ୍ଚାୟତର ନିର୍ବାଚନ ସମୀକ୍ଷାର ଅଭିଭାଷଣ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦାନଗଦି ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି, ପୂର୍ବତନ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ପଞ୍ଚାନନ ବଳ, ଗୋପାଳ ବାରିକ, ପଞ୍ଚାନନ ଜେନା, ଅଞ୍ଜନ ପ୍ରଧାନ, ବିଦ୍ୟାଧର ନାୟକ, ହରିହର ବାରିକ, ଜଗବନ୍ଧୁ ବେହେରା, ଲକ୍ଷ୍ମୀଧର ବେହେରା, ଅଧର ମିଶ୍ର, ରଘୁନାଥ ମହାରଣା, ଲମ୍ବୋଧର ରାଉତ, ମୁରଲୀ ବାରିକ, ବିପିନି ସେଠୀ, ସୁରେଶ ମହାନ୍ତ, ନିରଞ୍ଜନ ବେହେରା, ଅକ୍ଷୟ ବେହେରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

## ବ୍ୟାସନଗରରେ ବଢ଼ିଚାଲିଛି ଚୋରି
# ଅପରାଧୀଙ୍କ ଟେର୍ ପାଉନି ଯାଜପୁରରୋଡ୍ ପୁଲିସ୍

**ବ୍ୟାସନଗର,୨୮ ।୧(ସମିସ)**

ଶାନ୍ତିପ୍ରିୟ ଜିଲ୍ଲା ଯାଜପୁର ଏବେ ଅଶାନ୍ତ ହେବା ସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲୁଟତରାଜ ଭଳି ସଙ୍ଗୀନ ଘଟଣା ପ୍ରତ୍ୟହ ଦେଖିବାକୁ ମିଳିଛି । ଏଥିରୁ ବାଦ୍ ପଡିନି ବ୍ୟାସନଗର ପୌରାଞ୍ଚଳ ଓ ଏହା ସଲଗ୍ନ ଅଞ୍ଚଳ । ତେବେ ଯାଜପୁରରୋଡ୍ ପୁଲିସ୍ ଅପରାଧୀଙ୍କ ଟେର୍ ପାଉନି । ଫଳରେ ସହରବାସୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ପୁଲିସ ଉପରୁ ଲୋକଙ୍କ ବିଶ୍ୱାସ ତୁଟିଯାଉଛି । ଏଥିପ୍ରତି ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଶିଳ୍ପ ସମୃଦ୍ଧ କଳିଙ୍ଗନଗରର ମୁଖଶାଳା ବ୍ୟାସନଗର ସହର ହୋଇଥିବାରୁ କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କଠାରୁ ଆରମ୍ଭ କରି ଦୈନିକ ମୂଲିଆ ଶ୍ରେଣୀର ଲୋକେ ସହରରେ ଅବସ୍ଥାନ କରୁଛନ୍ତି । ଘରଭଡା ପାଇବାର ଲୋଭରେ ସହରର କିଛି ବ୍ୟକ୍ତ ବିନା କୌଣସି ପରିଚୟପତ୍ର ଓ ଏଗ୍ରିମେଣ୍ଟରେ ରାଜ୍ୟ ବାହାରର ଲୋକଙ୍କୁ ନିଜ ଘରେ ଆଶ୍ରୟ ଦେଉଛନ୍ତି । ଏ ଦିଗରେ ସ୍ଥାନୀୟ ଯାଜପୁରରୋଡ ପୁଲିସର ନିରବତା ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏତଦ୍‌ବ୍ୟତୀତ ରାଜ୍ୟ ବାହାରର ଅନେକ ଲୋକ ସହରର ବିଭିନ୍ନ ରାସ୍ତା କଡ଼ରେ ବିନା କୌଣସି ସରକାରୀ ପରମିଶନରେ ବେପାର କରିବା ସହିତ ସହରର ବିଭିନ୍ନ ଲୋକଙ୍କ ଚାଲିଚଳନ ଓ ଭାବଭଙ୍ଗୀକୁ ନିରୀକ୍ଷଣ କରି ପରବର୍ତ୍ତୀ ସମୟରେ ଚୋରି କରୁଥିବା ଦେଖିବାକୁ ମିଳିଛି । ଏନେଇ ବାରମ୍ବାର ପୌର ପ୍ରଶାସନ ଓ ଯାଜପୁର ରୋଡ ପୁଲିସକୁ ଅବଗତ କରାଯାଇଥିଲେ ମଧ୍ୟ ଫଳ ଶୂନ୍ୟ ରହିଛି । ଫଳରେ ସହରରେ କ୍ରମାଗତ ଭାବେ ଚୋରି ବଢିଚାଲିବା ସହିତ ସହରବାସୀ ଭୟରେ କାଳାତିପାତ କରୁଛନ୍ତି ।

ଗତ ଏକମାସ ମଧ୍ୟରେ ଯାଜପୁରରୋଡ୍ ଥାନା ଅଞ୍ଚଳରେ ୫ରୁ ଅଧିକ ଛୋଟବଡ ଚୋରି ହୋଇଥିଲେ ମଧ୍ୟ ପୁଲିସକୁ ଏ ନେଇ ସାମାନ୍ୟ ସୁରାକ ମିଳିପାରିନାହିଁ । ୨୬ ତାରିଖରେ ଯାଜପୁରରୋଡ ସହରର ମୁଣ୍ଡମାଳ ଅଞ୍ଚଳରେ ରହୁଥିବା ମହିଳା ଅନୀତା ଦେବରାୟଙ୍କ ପରିବାର ଲୋକେ ସମ୍ପର୍କୀୟଙ୍କ ଦେହ ଖରାପ ଖବର ଶୁଣି ଭୁବନେଶ୍ୱର ଯାଇଥିବାବେଳେ ତାଙ୍କ ଘରୁ ଚୋରି ହୋଇଥିଲା । ପୁଲିସ ଉକ୍ତ ସ୍ଥାନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ଦୁଇଟି ସୁନା ମୁଦି, ସୁନା ବାହୁଟି ଓ ୧୨ ହଜାର ଟଙ୍କା ଲୁଟି ନେଇଥିଲେ । ସେହିପରି ୨୬ ତାରିଖ ସନ୍ଧ୍ୟାରେ ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ସନ୍ତରା ଗ୍ରାମରେ ସତ୍ୟରଂଜନ ବିଶ୍ୱାଳଙ୍କ ଘରେ କଳାକନା ବୁଲାଇଥିଲେ । ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସତ୍ୟରଞ୍ଜନଙ୍କ ପତ୍ନୀ ବଜାର ଯାଇଥିବାବେଳେ ୮.୩୦ରେ ଘରକୁ ଫେରି ଦେଖନ୍ତି ଯେ ଘର ତାଲା ଭଙ୍ଗା ହେବା ସହିତ ଲକର ଭାଙ୍ଗି ସୁନାଗହଣା ଲୁଟ୍ ହୋଇଛି । ଏ ନେଇ ସତ୍ୟରଞ୍ଜନ ଏତଲା ଦେଇଥିବାବେଳେ ତଦନ୍ତ ଚାଲୁରହିଥିବା ପୁଲିସ କହିଛି । ତେବେ ଗୋଟିଏ ଦିନରେ ପ୍ରାୟ ୫ ଘଣ୍ଟା ବ୍ୟବଧାନରେ ସହରର ୨ଟି ସ୍ଥାନରୁ ଚୋରି କରି ଲୁଟେରା ଚମ୍ପଟ ମାରିଥିବାବେଳେ ପୁଲିସ ସେମାନଙ୍କ ଟେର ପାଇପାରିନାହିଁ । ଯାହାକୁ ନେଇ ସହରବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି । ସହରରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣକୁ ନେଇ ରାଜ୍ୟ ବାହାରର ବୁଲା ବେପାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

**ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ସହରବାସୀ**

## ମଙ୍ଗଳପୁର ମହିଳା କଲେଜରେ ଆଲୋଚନାଚକ୍ର

**କୟାଁଗୋଲା,୨୮ ।୧(ସମିସ):** ଦଶରଥପୁର ବ୍ଲକ୍‌ର ମଙ୍ଗଳପୁରସ୍ଥ ମହିଳା ସ୍ନାତକ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । ଅଧ୍ୟକ୍ଷା ଡଃ ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରିସୋର୍ସ ପର୍ସନ ଭାବେ ଏସଜି କଲେଜର ଅଧ୍ୟାପକ ଡଃ ସତ୍ୟରଞ୍ଜନ ନାୟକ ଯୋଗଦେଇ ଅର୍ଥନୀତି ବିଷୟରେ ଆଲୋକପାତ କରିଥିଲେ । ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚିବାକୁ ଦେବା ଓ ଆଗାମୀ ପିଢ଼ି, ବିଶ୍ୱ ସମୁଦାୟ ଲାଗି ଆମର କର୍ତ୍ତବ୍ୟ କ'ଣ ରହିବା ଉଚିତ, ଏ ନେଇ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ । ଅର୍ଥନୀତି ବିଭାଗ ଅଧ୍ୟାପକ ବ୍ରଜକିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନ୍ୟ ସମସ୍ତ ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ପାଠପଢ଼ା ସହ ଆଲୋଚନାଚକ୍ର ଦ୍ୱାରା ଛାତ୍ରୀ ଅନେକ କିଛି ଶିଖିପାରିବେ ବୋଲି ଅଧ୍ୟକ୍ଷା ଡଃ ମିଶ୍ର ସୂଚନା ଦେଇଛନ୍ତି ।

# ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ସମାବେଶ



**ଜାରକା,୨୮ ।୧(ସମିସ):** ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉପଲକ୍ଷେ ଜାରକାସ୍ଥ ତ୍ରିନାଥ ମନ୍ଦିର ପରିସରରେ ଯାଜପୁର ଜିଲ୍ଲାର ବିଭିନ୍ନ ସାହିତ୍ୟ, ସଂସ୍କୃତି ପତ୍ରିକାର ସଭାପତି ଓ ସମ୍ପାଦକଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା ଅଧ୍ୟକ୍ଷତା କରିଥିଲେ । ଗୋକର୍ଣ୍ଣିକା ପତ୍ରିକାର ଓଡ଼ିଶା ସାହିତ୍ୟ କ୍ଷେତ୍ରରେ ଅବଦାନ ସମ୍ବନ୍ଧରେ ଆଲୋଚନା ହେବା ସହ ବିଭିନ୍ନ ସାହିତ୍ୟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ୫୦ ବର୍ଷର ଜୟଯାତ୍ରା ଅବସରରେ ସ୍ୱତନ୍ତ୍ର ଗୋକର୍ଣ୍ଣିକା ସଂଖ୍ୟା ପ୍ରକାଶ ପାଇବା ସହିତ ଯାଜପୁର ଜିଲ୍ଲାରୁ ପ୍ରକାଶ ପାଉଥିବା ପତ୍ରପତ୍ରିକା ଓ ସାହିତ୍ୟିକଙ୍କ ପ୍ରକାଶିତ ପୁସ୍ତକ ପ୍ରଦର୍ଶନୀ ହେବାକୁ ନିଷ୍ପତ୍ତି ହୋଇଥିଲା । ୩ ଦିନିଆ ଉତ୍ସବରେ କବିତା ପାଠ, କଥା ସାହିତ୍ୟ, ସାହିତ୍ୟ ଆଲୋଚନା, ସଙ୍ଗୀତ ବିଚିତ୍ରା, ପୃଷ୍ଠପୋଷକ ଓ ପ୍ରତିଷ୍ଠିତ ସାହିତ୍ୟ ସ୍ରଷ୍ଟାଙ୍କୁ ସମ୍ବର୍ଦ୍ଧନା କରାଯିବ । ମୂଳରୁ ଗୋକର୍ଣ୍ଣିକା ବିଷୟରେ ଚର୍ଚ୍ଚା ଓ କୁଇଜ୍ ଆଦି ଆୟୋଜନ କରାଯିବ । ଆଜିର ସମାବେଶରେ ଯାଜପୁର ଜିଲ୍ଲା ଲେଖକ ସମ୍ମିଳନୀ ସଭାପତି ଡଃ ରୁଦ୍ରନାରାୟଣ ପୃଷ୍ଟି, ଧର୍ମଶାଳା ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାସ, ସମ୍ପାଦକ ଡଃ ପ୍ରଶାନ୍ତ ସ୍ୱାଇଁ, ଆଜ୍ଞା ନମସ୍କାର ଅନୁଷ୍ଠାନର ସମ୍ପାଦକ ବାଇଧର ମାଝୀ, ଶିଳାଲିପି ଅନୁଷ୍ଠାନ ପକ୍ଷରୁ ଅଜୟ ବଳ, ନୀଳାଚଳ ସାହିତ୍ୟ ସଂସଦ ସଭାପତି ଯୋଗେନ୍ଦ୍ର ନାଥ ସାହୁ, ସମ୍ପାଦକ ନିର୍ମଳ ରାଉତ, ପ୍ରଧାପକ ମନୋରଞ୍ଜନ ମହାନ୍ତି, ଚିରନ୍ତନୀ ସମ୍ପାଦକ ସଂଯୁକ୍ତା ମହାପାତ୍ର, ନିଖିଳ ଉତ୍କଳ ଶିଶୁ ମେଳା ସଭାପତି ଡଃ ପ୍ରିୟନାଥ ମହାପାତ୍ର, କୋରେଇ ମଣ୍ଡଳ ସାହିତ୍ୟ ସଂସଦ ପକ୍ଷରୁ ଦୟାନିଧି ନାୟକ, ସ୍ୱପ୍ନେଶ୍ୱର ସାହିତ୍ୟ ସଂସଦ ସମ୍ପାଦକ ପ୍ରହ୍ଲାଦ ପଣ୍ଡା, ଗବେଷକ ଡଃ ରବୀନ୍ଦ୍ର ବିହାରୀ, ବଉଳ ଫୁଲ ସାହିତ୍ୟ ସଂସଦ ସମ୍ପାଦିକା ବଜ୍ରେଶ୍ୱରୀ ସିଂ, କିଶୋର ବାଳିକା ସାହିତ୍ୟ ସଂସଦ ସମ୍ପାଦିକା ଗାୟତ୍ରୀ ନାୟକ, ସୁନାଫରୁଆ ସମ୍ପାଦକ ମହେଶ୍ୱର ଜେନାସାମନ୍ତ, ସୁନାକର ସାହୁ, ହୃଷିକେଶ ସାମଲ, ସନ୍ତୋଷ ବେହେରା ପ୍ରମୁଖ ଯୋଗ ଦେଇ ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଅଧ୍ୟାପକ ବିଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିବ୍ୟାଙ୍ଗ ବାଳିକା ଶିକ୍ଷା ଅଧିକାରରୁ ବଞ୍ଚିତ

**ଯାଜପୁର,୨୮ ।୧(ସମିସ):** ବେଟି ବଞ୍ଚାଅ, ବେଟି ପଢାଅ ନାରା ଦେଇ ବାଳିକା ଶିକ୍ଷା ଅଧିକାର ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଉଛି । ମାତ୍ର ଏହାର ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି । ସାମାଜିକ ସୁରକ୍ଷା ବିଭାଗ ଅଧୀନସ୍ଥ ବିଂଝାରପୁର ବ୍ଲକ୍‌ର ନୂଆଗାଁରେ ଥିବା ମୂକ ବଧିର ବିଦ୍ୟାଳୟରେ ବାଳିକାଙ୍କୁ ମିଳିପାରୁନି ଶିକ୍ଷା ଅଧିକାର । ଫଳରେ ବିଦ୍ୟାଳୟରେ ବାଳିକାଙ୍କ ନାମ ରହିଥିଲେ ମଧ୍ୟ ବିଦ୍ୟାଳୟକୁ ଆସୁ ନ ଥିବା ଦେଖିବାକୁ ମିଳୁଛି । ଏହି ସ୍ୱତନ୍ତ୍ର ବିଦ୍ୟାଳୟରେ ବାଳିକାଙ୍କ ରହିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ବାଳିକାମାନେ ଯିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଛି । ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଦାନଗଦି ବ୍ଲକ୍ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତସ୍ଥ ସୁଆଁଳ ଗ୍ରାମର ଦୀପା ନାଏକଙ୍କ କ୍ଷେତ୍ରରେ



ଦୀପା ମୂକ ଓ ବଧିର ଦିବ୍ୟାଙ୍ଗ ହୋଇଥିବାରୁ ଉକ୍ତ ବିଦ୍ୟାଳୟରେ ନାମ ଲେଖାଇଥିଲେ । ତେବେ ବିଦ୍ୟାଳୟରେ ଭିତ୍ତିଭୂମିର ଅଭାବରୁ ଘରେ ରହିଛନ୍ତି । କେବଳ ଦୀପା ନୁହଁନ୍ତି ୮୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଦ୍ୟାଳୟକୁ ଏବେ ୧୫ ଜଣ ଛାତ୍ରଛାତ୍ରୀ ଆସୁଥିବା ଜଣାପଡିଛି । ଏ ଖବର ପାଇ ଦିବ୍ୟାଙ୍ଗ ସମାଜସେବୀ ତଥା ଜିଲ୍ଲା ଏଲଏଲସି କମିଟି ସଦସ୍ୟ ମଣ୍ଟୁ ଦାସ ଦିବ୍ୟାଙ୍ଗ ଶିଶୁ ପାଖରୁ ସମସ୍ତ ତଥ୍ୟ ସଂଗ୍ରହ କରି ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି । ତୁରନ୍ତ ସମସ୍ତ ଦିବ୍ୟାଙ୍ଗ ବାଳିକାମାନଙ୍କୁ ଶିକ୍ଷାନୁଷ୍ଠାନ ଫେରାଇ ଆଣିବା ପାଇଁ ଶ୍ରୀ ଦାସ ଅନୁରୋଧ କରିଛନ୍ତି ।

# ଦଶରଥପୁର ବିଜେପିରେ ଗୋଷ୍ଠୀ କନ୍ଦଳ ତୀବ୍ର

**ମଙ୍ଗଳପୁର, ୨୮ ।୧(ସମିସ):** ଦଶରଥପୁର ବ୍ଲକରେ ବିଜେପିର ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି । ପରସ୍ପରକୁ ଆକ୍ରମଣ କରୁଥିବା ଲକ୍ଷ୍ୟ କରାଯାଇଛି । ନିକଟରେ ଜଣେ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ପରେ ଏହା ସ୍ପଷ୍ଟ ହୋଇଯାଇଛି । ୨୪ ତାରିଖରେ ବଉଳାଙ୍ଗ ବ୍ୟାଙ୍କ ଛକରେ ଦଶରଥପୁର ବ୍ଲକ୍‌ର ସାମ୍ବାଦିକ ତଥା ବିଜେପି କର୍ମୀ ସବ୍ୟସାଚୀ ଦାସଙ୍କ ଉପରେ ଆକ୍ରମଣ ହୋଇଥିଲା । ଏ ନେଇ ସେ ମଙ୍ଗଳପୁର ଥାନାରେ ବିଜେପି ଦଳର ଜଣେ ଯୁବ ନେତା ପ୍ରମୋଦ ପୁହାଣଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଶ୍ରୀ ପୁହାଣ ମଧ୍ୟ ସବ୍ୟସାଚୀଙ୍କ ବିରୋଧରେ ଆକ୍ରମଣ କରିଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ କରିବା ସହ ଉଭୟଙ୍କ ନାମରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

ସବ୍ୟସାଚୀ ଦାସ ପୂର୍ବରୁ କଂଗ୍ରେସ ଦଳର ଜଣେ ଆଗଧାଡିର ଯୁବନେତା ଥିବାବେଳେ ପ୍ରମୋଦ ପୁହାଣ ବିଜେଡିର ଜଣେ ଆଗୁଆ କର୍ମୀ ଥିଲେ । ପ୍ରମୋଦ ବିଜେଡି ଓ ସବ୍ୟସାଚୀ କଂଗ୍ରେସ ଦଳ ଛାଡି ବିଜେପିରେ ସାମିଲ ହୋଇଥିଲେ । ୨ ଯୁବ ନେତାଙ୍କ ନେତୃତ୍ୱ ଉପରେ ବିଜେପିର ନେତୃ ମଣ୍ଡଳୀ ଭରଷା ରଖିଥିବାବେଳେ ଏବେ ୨ ନେତାଙ୍କ କଳିକୁ ନେଇ ବିଜେପିରେ ଗୋଷ୍ଠୀ କନ୍ଦଳ ପଦାରେ ପଡିଛି ।

# ସାଧାରଣତନ୍ତ୍ର ଦିବସ ପାଳିତ

**ବରୁଆଁ, ୨୮ ।୧(ସମିସ):** ଯାଜପୁର ବ୍ଲକ୍ ବରୁଆଁ ପଞ୍ଚାୟତରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ବରୁଆଁ ପଞ୍ଚାୟତରେ ସରପଞ୍ଚ ଅନାହାର ବାନୋ, ଜମଧର ପଞ୍ଚାୟତରେ ସରପଞ୍ଚ ବାଦଲ ଖୁଣ୍ଟିଆ, ସୁଜନପୁର ପଞ୍ଚାୟତରେ ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ଼, ମହେଶ୍ୱରପୁର ପଞ୍ଚାୟତରେ ସରପଞ୍ଚ ସୁଜିତ୍ ରାୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ଜଳ ସମ୍ପଦ କାର୍ଯ୍ୟାଳୟ ଓ ବରୁଆଁ ପାର୍କରେ ସଭାପତି ବ୍ରଜକିଶୋର ପାଢ଼ୀ, ପୁରୁଷୋତ୍ତମପୁର ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ନାୟକ ଓ ବିଭିନ୍ନ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପତାକା ଉତ୍ତୋଳନ କରିଥିବାବେଳେ ଶିକ୍ଷାନୁଷ୍ଠାନ, ପାଠାଗାର ଓ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି ।

**ଟମକା:** ସ୍ଥାନୀୟ ଥାନା ସମେତ ସମସ୍ତ ୮ଟି ପଞ୍ଚାୟତ କାର୍ଯ୍ୟାଳୟ, ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଗୋବର୍ଦ୍ଧନପୁର କୃଷି ସମବାୟ ସମିତି, ଟମକା ବନବିଭାଗ କାର୍ଯ୍ୟାଳୟ, ଶ୍ରୀରାମ ଯୁବକ ସଂଘ, ମହାଗିରି ପ୍ରେସ୍ କ୍ଲବ, ବୀଣାପାଣି ଯୁଥ୍ କ୍ଲବ, ବାପୁଜୀ ଯୁବକ ସଂଘ, ଜୟ ଜଗନ୍ନାଥ କ୍ଲବ୍‌ରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି ।

## ମାଧବାନନ୍ଦ ଷଡ଼ଙ୍ଗୀଙ୍କ ଶ୍ରାଦ୍ଧୋତ୍ସବ

**ପାଣିକୋଇଲି,୨୮ ।୧(ସମିସ):** ମାଧବାନନ୍ଦ ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱରପୁର ପଞ୍ଚାୟତର ଶେଷଦେବ ବାସନ୍ତୀ ବିଦ୍ୟାଳୟ ପରିସରରେ ମାଧବାନନ୍ଦ ଷଡ଼ଙ୍ଗୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି । ସଭାପତି ସୁରେନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଥାକାର, ସମାଜସେବୀ ବିଶ୍ୱନାଥ ମହାପାତ୍ର, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର, ଜନନେତା ସନ୍ତୋଷ ଦାସ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ନରେନ୍ଦ୍ର ଘଡ଼ାଇ ପ୍ରମୁଖ ଯୋଗ ଦେଇଥିଲେ । ଫାଉଣ୍ଡେସନର ସାଧାରଣ ସମ୍ପାଦକ ଡଃ ବିମଳ ଷଡ଼ଙ୍ଗୀ ବିବରଣୀ ପାଠ କରିବା ସହ ସଂଗଠନର ଆଗାମୀ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିଲେ । ଫାଉଣ୍ଡେସନ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଗୀତାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## କାହ୍ନୁଚରଣ କଲେଜର ବାର୍ଷିକ ଉତ୍ସବ
# 'ଲକ୍ଷ୍ୟ ସ୍ଥିର ରହିଲେ ସଫଳତା ନିଶ୍ଚୟ ମିଳିବ'

**ଶଙ୍ଖଚିଲା,୨୮ ।୧(ସମିସ)**




କୋରେଇସ୍ଥ କାହ୍ନୁଚରଣ ମହାବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । +୨ କଲେଜ ଅଧ୍ୟକ୍ଷ ସ୍ମୃତିରଞ୍ଜନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ କୋରେଇ ବିଡିଓ ଅବନୀକାନ୍ତ ସାହୁ ଯୋଗ ଦେଇଥିଲେ । ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଛାତ୍ରଛାତ୍ରୀ ଜୀବନରେ ସଫଳ ହେବାକୁ ହେଲେ ପ୍ରଥମେ ଲକ୍ଷ୍ୟ ସ୍ଥିର କରିବା ଦରକାର । ଏଥିସହ ବଡ଼ ସ୍ୱପ୍ନ ଦେଖିବାକୁ ସେ ଆହ୍ୱାନ ଦେଇଥିଲେ । ଭାରତ ରତ୍ନ ଅବଦୁଲ କାଲାମଙ୍କ ଉଦାହରଣ ଦେଇ ଜୀବନରେ ବଡ଼ ସ୍ୱପ୍ନ ଦେଖିଲେ ଆଗକୁ ଯିବା ସମ୍ଭବ ହେବ ବୋଲି ଶ୍ରୀ ଦାସନାୟକ କହିଥିଲେ । ଆଗାମୀ ଦିନରେ କଲେଜରେ ଏକ ସମ୍ମିଳନୀ କକ୍ଷ, ଅସମ୍ପୂର୍ଣ୍ଣ ପାଚେରିକୁ ଖୁବ୍‌ଶିଘ୍ର ଶେଷ କରିବା, ଖେଳ ପଡିଆ ଓ ଗ୍ରନ୍ଥାଗାରର ଉନ୍ନତି ସାଙ୍ଗକୁ ବିଜ୍ଞାନ ଛାତ୍ରାଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶ୍ରେଣୀଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଡିଓ ଅବନୀକାନ୍ତ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବହୁ ଉପାଦେୟ ବକ୍ତବ୍ୟ ଦେବା ସହ ଆବଶ୍ୟକ ପଡିଲେ ସେ ମଧ୍ୟ ଜଣେ ସାମୟିକ ଶିକ୍ଷକ ଭାବେ ଶିକ୍ଷାଦାନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ କଲେଜ ନିର୍ମାଣ ସମୟର ଅନେକ ସ୍ମୃତି ତୋଳି ଧରିଥିଲେ । ଡିଗ୍ରୀ କଲେଜର ଅଧ୍ୟକ୍ଷ ଡଃ ମୋହନ ଚରଣ ଖୁଣ୍ଟିଆ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଏ ଅବସରରେ କଲେଜର ପ୍ରଥମ ବ୍ୟାଚ୍ ଛାତ୍ରୀ ତଥା +୨୨ କଲେଜରେ ମୁଖ୍ୟ କିରାଣି ଭାବେ କାର୍ଯ୍ୟରତ ବାସନ୍ତୀ ବେହେରାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଉଭୟ +୨ ଓ +୩ରେ ଅନୁଷ୍ଠିତ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଅଧ୍ୟାପକ ସନ୍ନ୍ୟାସୀ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ରାଧାକୃଷ୍ଣ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ

**ବିଞ୍ଝାରପୁର,୨୮ ।୧(ସମିସ):** ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛଞ୍ଚିଣା ପଞ୍ଚାତସ୍ଥ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଧାର୍ମିକ କାର୍ଯ୍ୟକ୍ରମ ମନ୍ଦିରର ପୂଜକ ପଣ୍ଡିତ ଗୋବର୍ଦ୍ଧନ ମହାପାତ୍ର ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଉମେଶ ମହାପାତ୍ର ଓ ତାଙ୍କ ପତ୍ନୀ ସୁପ୍ରିୟା ମହାପାତ୍ରଙ୍କ ସଂକଳ୍ପରେ ଗ୍ରାମବାସୀଙ୍କ ପକ୍ଷରୁ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ । ପରେ ମହାସ୍ନାନ, ଶୋଡ଼ଶ ଉପଚାର ପୂଜା ବିଧି ମୁତାବକ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅମୀୟକାନ୍ତ ମହାପାତ୍ର, ସତ୍ୟପ୍ରସନ୍ନ ମହାପାତ୍ର, ଅନିରୁଦ୍ଧ ମହାପାତ୍ର, ରମେଶ ମହାପାତ୍ର, ମାଧବାନନ୍ଦ ଦଳାଇ, ଶତ୍ରୁଘ୍ନ ବାରିକ, ଶରତ ବାରିକ, ବିଷ୍ଣୁ ଚରଣ ନାୟକ, ଗୋବର୍ଦ୍ଧନ ଦାସ, ରାଜୀବ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ପାଟରା ପରିବାର ପକ୍ଷରୁ ସେବାଶ୍ରମରେ ସାମାଜିକ କାର୍ଯ୍ୟକ୍ରମ

**ବଡ଼ଚଣା, ୨୮ ।୧(ସମିସ):** ମାନବ ସେବାକୁ ମାଧବ ସେବା ମନେ କରି ସମାଜର ଅବହେଳିତ, ନିଷ୍ପେସିତ, ନିର୍ଯ୍ୟାତିତ ଓ ଅସହାୟ ଲୋକଙ୍କୁ ସହାୟତାର ହାତ ବଢ଼ାଇ ଆସୁଥିବା ପାଟରା ପରିବାର ଆମେ ସବୁ ପାଟରା ପକ୍ଷରୁ ଚଣ୍ଡିଖୋଲ ନିକଟସ୍ଥ ତରଞ୍ଜିଆଠାରେ ଥିବା ଆଶୀର୍ବାଦ ଆଦିବାସୀ ହରିଜନ ଆବାସିକ ସେବାଶ୍ରମର ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ସହ ଚାଉଳ, ରାସନ୍ ସାମଗ୍ରୀ, ଶୁଖିଲା ଖାଦ୍ୟ ପୁଡ଼ିଆ ଓ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି । ସଭାପତି ପ୍ରଦୀପ ଷଣ୍ଢ, ସମ୍ପାଦକ ବିଜୟ ସାହୁ, ଉପସଭାପତି ରୁପେଶ ପାତ୍ର, କୋଷାଧ୍ୟକ୍ଷ ସତ୍ୟରଞ୍ଜନ ସାହୁ, ସମାଜସେବୀ ଲୋପାମୁଦ୍ରା ଷଣ୍ଢ, ସୁଜାତା ସାହୁ, ରାଜେଶ ପାତ୍ର, ଶକ୍ତିପ୍ରସାଦ ସାହୁ, ଅବିନାଶ ସାହୁ, ଶିଶିର ସୁବୁଦ୍ଧି, ଅଜୟ ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ପୀତବାସ ନାୟକ, ମନମୋହନ ପାତ୍ର, ପ୍ରମୁଖ ଯୋଗଦେଇ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ ।




# ମା' ସ୍ୱର୍ଣ୍ଣମୁଖୀ କ୍ରିକେଟ୍; ଇଲେଭେନ୍ ଷ୍ଟାର୍ ଚାମ୍ପିଅନ୍

**ଦଶରଥପୁର, ୨୮ ।୧(ସମିସ):** ଦଶରଥପୁର ବ୍ଲକ୍ ଛଞ୍ଚିଣା ପଞ୍ଚାୟତ ଛଞ୍ଚିଣା ଗ୍ରାମରେ ଥିବା ମା' ସ୍ୱର୍ଣ୍ଣମୁଖୀ କ୍ରିକେଟ ଆସୋସିଏସନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ସ୍ୱର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲକୁ ଯାଜପୁର ଟାଉନର ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ୍ ଓ ଭଦ୍ରକର ରୟାଲ ମେକନ୍ ଓଡ଼ିଶା କ୍ରିକେଟ କ୍ଲବ୍ ଉନ୍ନୀତ ହୋଇଥିଲେ । ଫାଇନାଲ ଖେଳରେ ମୁଖ୍ୟଅତିଥି ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଖେଳାଳିଙ୍କ ସହ କରମର୍ଦ୍ଦନ କରି ଶୁଭାରମ୍ଭ କରିଥିଲେ । ପ୍ରଥମେ ବ୍ୟାଟିଂ କରି ଯାଜପୁରର ଇଲେଭେନ ଷ୍ଟାର ଟିମ୍ ୨୦ ଓଭରରେ ୧୮୦ ରନ୍ ସଂଗ୍ରହ କରିଥିଲା । ଜବାବ୍‌ରେ ରୟାଲ୍ ମେକନ୍ ଓଡ଼ିଶା ଟିମ୍ ସମସ୍ତ ୱିକେଟ ହରାଇ ୧୭୨ ରନ୍ କରି ୮ ରନ୍‌ରେ ପରାସ୍ତ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ସମାଜସେବୀ କର୍ଣ୍ଣାଟକେଶରୀ ଦାସ ଯୋଗଦେଇ ଚାମ୍ପିଅନ୍ ଇଲେଭେନ୍ ଷ୍ଟାର କ୍ରିକେଟ ଟିମ୍‌କୁ ଚାମ୍ପିଅନ୍ସ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସରୋଜ ମହାପାତ୍ର ରନର୍ସଅପ୍ ରୟାଲ ମେକନ୍ ଓଡ଼ିଶା ଟିମ୍‌କୁ ରନର୍ସଅପ୍ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ସମାଜସେବୀ ଅଜୟ ମହାନ୍ତି, ପ୍ରଶାନ୍ତ ମଲ୍ଲିକ, ସୁରେଶ ପ୍ରଧାନ, ଦିଲ୍ଲୀପ ସାହୁ ଯୋଗ ଦେଇଥିଲେ । ଖେଳକୁ ଖଗେଶ୍ୱର ମଲ୍ଲିକ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବାବେଳେ ଏକାଦଶୀ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ ।





● ଦୋଷ ଛଡ଼ାଇବାକୁ ପରିବହନ ପଥରେ ଗର୍ତ୍ତ ଖନନ

# ବାଲି ଚୋରି କରିବାକୁ ଅଭିନବ ବ୍ୟବସ୍ଥା




ବାରିକପୁର, ୨୮ ।୧(ସମିସ): ଭଣ୍ଡାରିପୋଖରୀ ଥାନା ଅଧୀନ ବିଭିନ୍ନ ସ୍ଥାନରେ ହେଉଥିବା ବାଲି ଚୋରିକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଗତ କିଛି ମାସ ହେବ ଗର୍ତ୍ତ ସୃଷ୍ଟି କରାଯାଉଛି। ଦିନ ରାତି ବୈତରଣୀ ଓ ଏହାର ଶାଖା ଗେଙ୍ଗୁଟି ନଦୀରୁ ବାଲି ଚୋରି ଜାରି ରହିଛି। ବାଲି ଚୋରି ରୋକିବାରେ ପ୍ରଶାସନ ସଂପୂର୍ଣ୍ଣ ବିଫଳ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କେବଳ ନିଜ ଉପରୁ ଦୋଷ ଛଡ଼ାଇବାକୁ ଯାଇ ପ୍ରଶାସନିକ ଅଧିକାରୀମାନେ ପରିବହନ ପଥରେ ଅଭିନବ ଉପାୟରେ ଗର୍ତ୍ତ ସୃଷ୍ଟି କରୁଛନ୍ତି। ସୂଚନା ମୁତାବକ ଆଜି ଦାଣ୍ଡକୂଳ ମୁଡ଼ାପଦା ମଧ୍ୟସ୍ଥଳ ଗେଙ୍ଗୁଟି ନଦୀରୁ ବେଆଇନ ବାଲି ପରିବହନ ରୋକିବାକୁ ପଥରେ ଗର୍ତ୍ତ ସୃଷ୍ଟି କରାଯାଇଛି। ଜିଲ୍ଲା ଖଣି ନଗମ ଅଧିକାରୀଙ୍କ ସମେତ ଜଙ୍ଗଲ ବିଭାଗର ଅଧିକାରୀ, ପୁଲିସ ଓ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ବାଲି ଉତ୍ତୋଳନ ସ୍ଥାନରେ ପହଞ୍ଚି ଜେସିବି ଯୋଗେ ନାଳି ତିଆରି କରିଛନ୍ତି। ନଦୀକୁ ଯେଉଁ ଭଳି ଗାଡ଼ି ନଯିବ ସେଥିପାଇଁ ପରିବହନ ପଥରେ ଗର୍ତ୍ତ ସୃଷ୍ଟି କରାଯାଇଛି। ଏବେ ଜିଲ୍ଲା ଖଣି ନଗମ ବେଆଇନ ବାଲି ଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କିଛି ମାତ୍ରାରେ ଅଣ୍ଟା ଭିଡିଛି। କିଛି ଦିନ ପୂର୍ବରୁ ବାଲିପୋଖରୀ ଏସକେପ ଠାରେ ବେଆଇନ ଚାଲଣ ହେଉଥିବା ପଥରେ ଗର୍ତ୍ତ ଖନନ ହୋଇଥିଲା। କିଛି ମାସ ବ୍ୟବଧାନ ପରେ ମାଫିଆମାନେ ପଥରେ ସୃଷ୍ଟି ହୋଇଥିବା ଗର୍ତ୍ତକୁ ପୋତି ପୁଣି ବେଆଇନ ବାଲି ପରିବହନ ଆରମ୍ଭ କରିଛନ୍ତି। ବେଆଇନ ବାଲି ଚୋରିକୁ ରୋକିବା ପାଇଁ ଖଣି ନଗମ ପକ୍ଷରୁ ଅଭିନବ ଉପାୟ ଅବଲମ୍ବନ କରାଯାଇଥିବା ବେଳେ ତାହା ଆଗକୁ କେତେ ସଫଳ ହେବ ଦେଖିବାକୁ ବାକି ରହିଲା।

ଜିଲ୍ଲା ସ୍ୱାସ୍ଥ୍ୟବିଭାଗର ଅବହେଳା

# ମାନବାଧିକାର ଆୟୋଗଙ୍କଠାରେ ଅଭିଯୋଗ

ଭଦ୍ରକ, ୨୮ ।୧(ସମିସ)




ଭଦ୍ରକ ସହର ଗାନ୍ଧୀପଡ଼ିଆଠାରେ ଥିବା ଏକ ଘରୋଇ ନର୍ସିଂହୋମରେ ସୋମବାର ମଧ୍ୟାହ୍ନରେ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ମୃତକଙ୍କ ସମ୍ପର୍କୀୟମାନେ ନର୍ସିଂହୋମର ବିଭିନ୍ନ ଜିନିଷପତ୍ର ଭାଙ୍ଗିବା ସହ ସେଠାରେ ଥିବା ଏକ ଗାଡିର କାଚକୁ ଭାଙ୍ଗି ଚୁରମାର କରିଥିଲେ। ସ୍ଥାନୀୟ ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ନର୍ସିଂ ହୋମର ପଛପଟ ଦ୍ୱାରରେ ମୃତକଙ୍କୁ ବାହାର କରି ମୁଖ୍ୟ ଡାକ୍ତରଖାନାକୁ ପୋଷ୍ଟମର୍ଟମ ପାଇଁ ପଠାଇଥିଲା। ଏହି ଘଟଣାରେ ମାନବାଧିକ କର୍ମୀ ସାମ୍ବାଦିକ ରମେଶ କୁମାର ମଲ୍ଲିକ ରାଜ୍ୟ ମାନବାଧିକାର ଆୟୋଗଙ୍କ ଠାରେ ଆଜି ଏକ ଅଭିଯୋଗ (ଡାଏରୀ ନମ୍ବର-୫୪) ଦାଖଲ କରିଛନ୍ତି।

ଗତ ରବିବାର ଧୂଷୁରୀ ଥାନା ଅସୁରାଳି ଗାଁର ଦେବସ୍ମିତା ଜେନା ୨ୟ ପ୍ରସବ ଲାଗି ଉକ୍ତ ଘରୋଇ ନର୍ସିଂହୋମରେ ଆଡ଼ମିଶନ ହୋଇଥିଲେ। ପୂର୍ବରୁ ତାଙ୍କ ଏକ ୪ବର୍ଷର ଶିଶୁପୁତ୍ର ରହିଛି। ଡାକ୍ତର ରାତିରେ ଅସ୍ତ୍ରୋପଚାର କରି ଏକ କନ୍ୟା ସନ୍ତାନକୁ ପ୍ରସବ କରାଇଥିଲେ। ଜନ୍ମିତ ଶିଶୁ ସୁସ୍ଥଥିବାବେଳେ ପ୍ରସୂତିଜଣକ ମଧ୍ୟ ସୁସ୍ଥ ଥିଲେ। ହଠାତ ପ୍ରସୂତି ଜଣକ ମଧ୍ୟାହ୍ନ ପ୍ରାୟ ୧୨.୨୦ରେ ସମ୍ପୂର୍ଣ୍ଣ ନିସ୍ତେଜ ହୋଇଯାଇଥିଲେ। ପରେ ମୃତ୍ୟୁ ହୋଇଥିବା ନର୍ସିଂହୋମ କର୍ତ୍ତୃପକ୍ଷ କହିଥିଲେ। ପରିବାର ଲୋକଙ୍କ ଅଭିଯୋଗ କରିଛନ୍ତି ଯେ ରାତିରେ ଡାକ୍ତର ଅସ୍ତ୍ରୋପଚାର କରି ସେଠାରୁ ପଳାଇଯାଇଥିଲେ। ସକାଳୁ ସେଠାରେ କୌଣସି ଡାକ୍ତର ଉପସ୍ଥିତ ନଥିଲେ। ରୋଗୀଙ୍କ ସ୍ଥିତି ବିଗିଡିବା ପରେ ସଂପୃକ୍ତ ଡାକ୍ତର ଭିଡିଓ କଲ କରି ନର୍ସ ମାନଙ୍କ ଜରିଆରେ ଔଷଧ ଦେବାକୁ ପରାମର୍ଶ ଦେବା ସହ ଚିକିତ୍ସା କରିଥିଲେ। ନର୍ସଙ୍କ ଭୁଲ୍ ଔଷଧ ଯୋଗୁଁ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ପରିବାରଲୋକ ଅଭିଯୋଗ କରିଛନ୍ତି। ତେବେ ଏଭଳି ଅଭାବନୀୟ ଘଟଣା ଜିଲ୍ଲାର ଅନେକ ନର୍ସିଂହୋମରେ ଘଟୁଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ଚୁପ୍ ରହିଛି। ଅଭିଯୋଗ ମୁତାବକ, ସରକାରଙ୍କ ଡିଏମ୍ଇଟି ୱେବ୍ସାଇଟ୍ରେ ଏକାଧିକ ନର୍ସିଂହୋମ ପଞ୍ଜିକୃତ ହୋଇନାହିଁ। ସେହିଭଳି ଅନେକ ପଞ୍ଜିକୃତ ନର୍ସିଂହୋମ ରଖିଥିବା ସର୍ତ୍ତ ଅନୁଯାୟୀ କାମ କରୁନାହାନ୍ତି। ଅଭିଜ୍ଞ ଫାର୍ମାସିଷ୍ଟ, ନର୍ସଙ୍କୁ କେବଳ ତାଲିକାରେ ରଖି ବାସ୍ତବରେ ବହୁ ଅନଭିଜ୍ଞ ଓ ଅଣତାଲିମଦାତାଙ୍କୁ କାର୍ଯ୍ୟରେ ନିୟୋଜିତ କରିଚାଲିଛନ୍ତି। ନର୍ସିଂହୋମର ମଞ୍ଜୁର ଶଯ୍ୟା ସଂଖ୍ୟାରୁ ବହୁଗୁଣ ଅଧିକ ରୋଗୀଙ୍କ ଅପରେସନ କରାଯାଉଛି। ଜଣେ ଡାକ୍ତର ଏକ କ୍ରିମିନାଲ ମାମଲାରେ ଜେଲ ଯାଇଥିବା ବେଳେ ବି ତାଙ୍କ ନର୍ସିଂହୋମରେ ରୋଗୀଙ୍କୁ ଆଡମିଶନ କରାଯାଇ ଚିକିତ୍ସା ଜାରି ରହିଥିବା ଜଣାଯାଇଛି। ଏସବୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଭଲଭାବେ ଅବଗତ ହୋଇଥିଲେ ବି ଆଦୌ ଯାଞ୍ଚ ହେଉନି, କାର୍ଯ୍ୟାନୁଷ୍ଠାନ କଥା ପଚାରେ କିଏ। ଫଳରେ ଏଭଳି ଅଭାବନୀୟ ପରସ୍ଥିତି ବାରମ୍ବାର ସୃଷ୍ଟି ହେଉଛି। ଏ ଦିଗରେ ଜିଲ୍ଲାପାଳ ଗୁରୁତର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଗ୍ରାମ୍ୟ ଉନ୍ନୟନ ବିଭାଗରେ ସାମିଲ ଦାବି

ଗ୍ରାମୀଣ ରାସ୍ତା ଶୋଚନୀୟ

ବନ୍ତ/ଆଗରପଡ଼ା,୨୮ ।୧(ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ଆମ୍ବଗଡ଼ିଆ ଭାୟା ମଙ୍ଗୁଲି ରାସ୍ତାକୁ ସଂଯୋଗ କରୁଥିବା ଛୟାଳସିଂହ ପଞ୍ଚାୟତର ଗ୍ରାମୀଣ ରାସ୍ତାଗୁଡିକ ଶୋଚନୀୟ ହୋଇପଡ଼ିଛି। ଦୀର୍ଘବର୍ଷ ହେବ ଏହି ରାସ୍ତାର ସ୍ଥାୟୀ ମରାମତି ନ ହେବା କାରଣରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜାମ୍ବୁବଣି ଛକରୁ ସରମରା ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ସାବିତ୍ରୀ ପୀଠ ପୋଲଠାରୁ ଗଣିଜାଙ୍ଗ ଆମ୍ବଗଡ଼ିଆ ଭାୟା ମଙ୍ଗୁଲି ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ କରୁଥିବା ମଙ୍ଗୁଲି ବ୍ରାହ୍ମଣସାହି, ରାଉତସାହି, ପରିଡାସାହି, ଦୋଳପଦି ହରିଜନସାହି, ମଙ୍ଗୁଲି ସ୍କୁଲ, କୁକୁଡା ଫାର୍ମ ଛକ ଆଦି ପଞ୍ଚାୟତ ରାସ୍ତାଗୁଡିକ ବର୍ଷ ବର୍ଷ ଧରି ଖରାପ ହୋଇ ପଡ଼ିରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ରାସ୍ତାଗୁଡ଼ିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ନେଇ ଗ୍ରାମବାସୀ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ରାସ୍ତ ଉପରେ ଛୟାଳସିଂହ, ଓଡଙ୍ଗ, ଟିଲୋ, କାଦବରାଙ୍ଗ, ଗଣିଜାଙ୍ଗ ଆଦି ପଞ୍ଚାୟତବାସୀ ଯାଆଆସ କରିଥାନ୍ତି। ଅନେକ ସମୟରେ ରାସ୍ତାର ଦୁରବସ୍ଥା ଯୋଗୁ ଯାନବାହନ ଚଳାଚଳରେ ବ୍ୟାଘାତ ସମୟରେ ସୃଷ୍ଟି ହେଉଛି। ଫଳରେ ଦମକଳ ଏବଂ ଆମ୍ବୁଲାନ୍ସ ଆଦି ଆସିବା କଷ୍ଟକର ହେଉଛି। ତେଣୁ ଏହି ପଞ୍ଚାୟତ ରାସ୍ତାଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ଗଲେ ଅଞ୍ଚଳବାସୀଙ୍କ ବହୁ ଦିନର ସ୍ୱପ୍ନ ସାକାର ହୋଇପାରିବ ବୋଲି କୈଳାସ ରାଉତ, ପ୍ରଫୁଲ୍ଲ ରାଉତ, ରଘୁନାଥ ପୁହାଣ, ସୁଶାନ୍ତ ପରିଡା, ଶରତ ଜେନା ପ୍ରମୁଖ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି।

# ରବି ଚାଷ ନେଇ କୃଷକ ସଚେତନତା



ବନ୍ତ/ଆଗରପଡ଼ା,୨୮ ।୧(ସମିସ): ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ରବି ଚାଷ ନେଇ କୃଷି ବିଭାଗ ପକ୍ଷରୁ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନା ଅନ୍ତର୍ଗତ ଧାନ ପରବର୍ତ୍ତୀ ପତିତ ଜମିରେ ଡାଲି ଜାତୀୟ ଖାଦ୍ୟ ସମ୍ପର୍କିତ ଧାନଚାଷ ପରେ ରବି ଋତୁରେ ମୁଗ, ବିରି ଆଦି ଚାଷ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଥିଲା। ପଞ୍ଚାୟତରେ ଚଳିତ ରବି ଋତୁରେ ଶହେ ହେକ୍ଟର ଜମିରେ ମୁଗ ଓ ୫୦ ହେକ୍ଟର ଜମିରେ ବିରି ଚାଷ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ହେକ୍ଟର ପିଛା ୨୦ କେଜି ବିହନ ଚାଷୀଙ୍କୁ ଯୋଗାଇଦେବା ସହ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି କୃଷି ଅଧିକାରୀ ପତି କହିଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ଗବେଷଣା କେନ୍ଦ୍ର ରାଣୀତାଲର କୃଷି ବୈଜ୍ଞାନିକ ଉତ୍କଳିକା ନାୟକ, ସାଂସଦ ପ୍ରତିନିଧ ସନ୍ତୋଷ ନାୟକ, ଜିଲ୍ଲାଚାଷୀ କମିଟି ସଦସ୍ୟ ଶଙ୍କର୍ଷଣ ଜେନା ପ୍ରମୁଖ ଚାଷୀଙ୍କୁ ଯୋଜନା ବିଷୟରେ ଅବଗତ କରାଇଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ରଶ୍ମିରଞ୍ଜନ ଜେନା, କମ୍ୟୁନିଷ୍ଟ ରିସର୍ଚ୍ଚପର୍ସନ ବିକ୍ରମ ନାୟକ, ଜଗବନ୍ଧୁ ଲେଙ୍କା, ଶଶିକାନ୍ତ ଜେନା, କୃଷକ ସାଥୀ ସଚଳା ଘଡ଼େଇ ଏବଂ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସେହିପରି ବନ୍ତ କୃଷି ବିଭିନ୍ନ ପକ୍ଷରୁ (ଟିଆରଏଫଏ) ସ୍କିମ ମାଧ୍ୟମରେ ଗଣିଜାଙ୍ଗ ପଞ୍ଚାୟତ ବିନାୟକପୁର ଗ୍ରାମର ଚାଷୀଙ୍କୁ ଉନ୍ନତ ମାନର ବିରି ବିହନ ପ୍ରଦାନ କରାଯାଇଛି। ଗ୍ରାମ୍ୟ କୃଷି କର୍ମଚାରୀ ତପନ ସେଠୀ, କୃଷକ ସାଥୀ ପଞ୍ଚାନନ ଦାସ, ସ୍ଥାନୀୟ ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ମନୋରଞ୍ଜନ ସେଠୀ, (ଏଡିଆଇ) ଏନଜିଓ ସଂସ୍ଥାର ସିଆରପି ସାଇ ପ୍ରକାଶ ରାଉତ, କୋଡିନେଟର ଶଶିକାନ୍ତ ଜେନା ସମସ୍ତ ଚାଷୀଙ୍କୁ ଏହି ବିହନ ପ୍ରଦାନ କରିଥିଲେ।

# ଶକୁନ୍ତଳା ଲେଙ୍କାଙ୍କ ସ୍ମୃତିରେ ଆଦର୍ଶ ଶିକ୍ଷକ ସମ୍ମାନ

ବନ୍ତ/ଆଗରପଡ଼ା,୨୮ ।୧(ସମିସ): ବନ୍ତ ବ୍ଲକ ସନ୍ନିକଟ ଶଙ୍ଖୁଳାସ୍ଥିତ କଳ୍ପତରୁ ଉଚ୍ଚ ବିଦ୍ୟାଳୟରେ ସ୍ରଷ୍ଟା କଳ୍ପତରୁ ନାୟକଙ୍କ ତିରୋଧାନ ଦିବସରେ ଶକୁନ୍ତଳା ଲେଙ୍କାଙ୍କ ସ୍ମୃତି ଉଦେଶ୍ୟରେ ଦୁଇ ଜଣଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଛି। ଗୋପୀନାଥ ନାୟକଙ୍କ ତତ୍ୱାବଧାନରେ ଓ ଅବସରପ୍ରାପ୍ତ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସେଣ୍ଡତିରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ ଚରଣ ନାୟକ, ମୁଖ୍ୟବକ୍ତା ପ୍ରାକ୍ତନ ଶିକ୍ଷାବିତ୍ ଜଗନ୍ନାଥ ପାତ୍ର, ସମ୍ମାନିତ ଅତିଥି ନିଳୋକ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଜେନା, ସାତଶୋଳା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ କୁସୁମଲତା ମହାପାତ୍ର, ସମାଜସେବୀ ଦିବାକର ନାୟକ, ସଦାଶିବ ଦାସ, ଶିକ୍ଷକ କୈଳାଶ ସାମଲ, ଆନନ୍ଦ ପାଢ଼ୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ରାଜଶ୍ରୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମମତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମଞ୍ଜୁଳା ନାୟକ, ପ୍ରଧାନଶିକ୍ଷକ ଦେବେନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ଏଫଡିଆର୍ କାର୍ଯ୍ୟ ବିଳମ୍ବ

# ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କ ସହ ଆଲୋଚନା



ବାରିକପୁର,୨୮ ।୧(ସମିସ): ଦାନା ବାତ୍ୟାକୁ ଇତିମଧ୍ୟରେ ୨ ମାସ ଅତିକ୍ରାନ୍ତ ହୋଇଛି। ବାତ୍ୟା ପରବର୍ତୀ ଜରୁରୀ ମରାମତି କାର୍ଯ୍ୟ ପାଇଁ ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ବ୍ଲକ ସରପଞ୍ଚ ସଂଘ ଅସନ୍ତୋଷ ବ୍ୟକ୍ତ କରିବା ସହିତ ବିଡିଓଙ୍କୁ ଘେରିଛି। ବାତ୍ୟା ସମୟରେ ୨୩ଟି ପଞ୍ଚାୟତର ସରପଞ୍ଚମାନେ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ପ୍ରକଳ୍ପ ଅନୁମୋଦନ ହୋଇ କାର୍ଯ୍ୟାଦେଶ ପ୍ରସ୍ତୁତ ହୋଇଥିଲେ ସୁଦ୍ଧା ଏଯାଏଁ ମରାମତି କାର୍ଯ୍ୟ ପାଇଁ ବିଡିଓ ସରପଞ୍ଚଙ୍କୁ ଅନୁମତି ପ୍ରଦାନ କରୁନାହାନ୍ତି। ଯାହାକୁ ନେଇ ନିର୍ବାଚିତ ପ୍ରତିନିଧିମାନେ ବିଡିଓ ଦେବଦତ ଦାଶଙ୍କ ନିକଟରେ ପହଞ୍ଚି ଏବାବଦରେ ଜବାବ ମାଗିଛନ୍ତି। ବିଡିଓ ସରପଞ୍ଚଙ୍କ ସହ ଏବାବଦରେ ବିଭିନ୍ନ ଆଲୋଚନା କରିବା ସହିତ ସେମାନଙ୍କୁ ବୁଝାସୁଝା କରିଛନ୍ତି। ଆସନ୍ତା ତିନି ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ନଚେତ୍ ଆଗାମୀ ଦିନରେ ସରପଞ୍ଚ ମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପ୍ରତିନିଧି ମାନେ ଚେତାବନୀ ଦେଇଛନ୍ତି। ସଂଘ ସଭାପତି ତଥା ସରପଞ୍ଚ ଅମୂଲ୍ୟ ନାୟକ, ଅକ୍ଷୟ ତ୍ରିପାଠୀ, ପରମାନନ୍ଦ ନାୟକ, ଧନେଶ୍ୱର ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ମାଝୀ, ରମେଶଚନ୍ଦ୍ର ଜେନା, ସତ୍ୟବ୍ରତ ପାଲ ପ୍ରମୁଖ ବିଡିଓଙ୍କ ସହିତ ଏଫଡିଆର କାର୍ଯ୍ୟ ବାବଦରେ ଆଲୋଚନା କରିବା ସହିତ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ପାଇଁ ଅନୁମତି ପ୍ରଦାନ କରିବାକୁ ଦାବି କରିଛନ୍ତି।

ଧୂଷୁରୀରେ ପ୍ରେସମିଟ କଲେ ପ୍ରିୟଦର୍ଶିନୀ

# ମାନସିକ ନିର୍ଯାତନା; ନ୍ୟାୟ ପାଇଁ ନିବେଦନ



ଅସୁରାଳି, ୨୮ ।୧(ସମିସ)

ଭଦ୍ରକ ଗ୍ରାମାଞ୍ଚଳ ଥାନା କଲେଇ ପଞ୍ଚାୟତର ଚୁନିଦା ଗ୍ରାମର ପ୍ରିୟଦର୍ଶିନୀ ଦାସ (୩୩)। ପିତା ପ୍ରମୋଦ ଦାସ। ଧୂଷୁରୀ ପୁଲିସ ନ୍ୟାୟ ନଦେବାରୁ ଥାନା ଛକଠାରେ ପ୍ରେସ ମିଟ୍ କରି ଉଦବେଗ ପ୍ରକାଶ କରିଛନ୍ତି। ସେ ଧୂଷୁରୀ ଥାନାସ୍ଥିତ ଖଡିମାହାରା ଗ୍ରାମର ତ୍ରୈଲୋଚନ ପରିଡାଙ୍କୁ ୨୦୨୪ରେ ବିବାହ କରିଥିଲେ। ବିବାହ ପୂର୍ବରୁ ତ୍ରୈଲୋଚନ ଦୁବାଇରେ ଏକ ନିଜସ୍ୱ କମ୍ପାନୀ ଖୋଲି ମାସକୁ ୫ ଲକ୍ଷ ରୋଜଗାର କରୁଥିବା କନ୍ୟାଘରକୁ ଜଣାଇଦିଆଯାଇଥିଲା। ପରେ ତାଙ୍କ ସ୍ୱାମୀ ବିବାହ ପୂର୍ବରୁ ଦୁବାଇରେ ରହୁ ନଥିଲେ କି କୌଣସି କମ୍ପାନୀ ଖୋଲି ନଥିବା ପ୍ରିୟଦର୍ଶିନୀ ଜାଣିଥିଲେ। ଏନେଇ ସ୍ୱାମୀ ଜାଣିବାପରେ ତାଙ୍କୁ ମାନସିକ ନିର୍ଯାତନା ଦେଇଥିବା ଓ ତାଙ୍କ ଫୋନ ନମ୍ବରକୁ ବ୍ଲକ କରିବା କଥା ପ୍ରିୟଦର୍ଶିନୀ ପ୍ରକାଶ କରିଛନ୍ତି। ତାଙ୍କ ଦିଅର, ଶାଶୂ, ଶଶୁର ମଧ୍ୟ ତାଙ୍କୁ ପ୍ରତିଦିନ ମାନସିକ ଯନ୍ତ୍ରଣା ଦେଇଥିଲେ ବୋଲି ଧୂଷୁରୀ ଥାନାରେ ୨୦୨୪ ମସିହା ଡିସେମ୍ବର ୨୯ ତାରିଖରେ ଏତଲା ଦେଇଥିବା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ମାମଲା ରୁଜୁ ମଧ୍ୟ ହୋଇଛି। ୨ ଦିନ ତଳେ ଏସପିଙ୍କୁ ସାକ୍ଷାତ କରିଥିଲେ। କାର୍ଯ୍ୟାଳୟର ଏଏସପି ଅରୂପ ଅଭିଷେକ ବେହେରା ଧୂଷୁରୀ ଥାନାଧିକାରୀଙ୍କୁ ଆଉ ଥରେ ସାକ୍ଷାତ କରିବାକୁ କହିଥିଲେ। ଯୁବତୀ ଜଣକ ପୁନଶ୍ଚ ଥାନାକୁ ଯାଇଥିଲେ ବି ଦେହ ଖରାପ ଅଛି କହି ଅଭିଯୁକ୍ତଙ୍କ ବିରୋଧରେ ଯାହା ଦଫା ଲଗାଯାଇଛି ତାହା ଠିକ ବୋଲି ଥାନାଧିକାରୀ ଶାନ୍ତନୁ ଜେନା ଫୋନ ମାଧ୍ୟମରେ କହିଥିଲେ। ଯଦି ୭ ଦିନ ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯାନୁଷ୍ଠାନ ଗ୍ରହଣ କରା ନଯାଏ ତେବେ ଏସପିଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବେ ବୋଲି ପ୍ରିୟଦର୍ଶିନୀ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ଶ୍ରୀ ଜେନା କହିଛନ୍ତି, ଆଇନ ଅନୁଯାୟୀ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ଅବଶ୍ୟ ନିଆଯିବ।



## ମନ୍ଦିର ହୁଣ୍ଡି ଚୋରି ଘଟଣାରେ ଅଭିଯୁକ୍ତକୁ ଜେଲ୍

**କେନ୍ଦୁଝର, ୨୮।୧(ସମିସ):** ମଙ୍ଗଳବାର ଏକ ଚୋରି ମାମଲାର ବିଚାର କରି କେନ୍ଦୁଝର ଏସିଡିଜେଏମ୍ ଟାଉନ ଥାନା ଅନ୍ତର୍ଗତ ମାଗୁରଗାଡିଆର ଅଭିଯୁକ୍ତ ରବି ଓରଫ୍ ରତ୍ନାକର ମୁର୍ମୁକୁ ଦୋଷୀ ସାବ୍ୟସ୍ତ କରି ପ୍ରତି ଦଫାରେ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା; ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କେନ୍ଦୁଝର ମାଇନିଂ ରୋଡରେ ଥିବା ରାମମନ୍ଦିର ଶିବମନ୍ଦିର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ଦାନ ବାକ୍ସକୁ ଭାଙ୍ଗି ଚୋରି କରିଥିଲା। ୨୭/୭/୨୦୨୪ରେ ବ୍ରାହ୍ମଣ ଦିନ ବେଳେ ଏହା ଦେଖି ମନ୍ଦିର ସମ୍ପାଦକଙ୍କୁ ଜଣାଇବା ସହ ସେହିଦିନ ସକାଳ ୯ଟା ୪୩ ମିନିଟ୍ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏକ ମାମଲା ରୁଜୁ ହୋଇ ମନ୍ଦିରର ସିସିଟିଭି ଫୁଟେଜକୁ ଭିତ୍ତି କରି ଅନୁସନ୍ଧାନ କରି ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର କରି କେନ୍ଦୁଝର ଏସିଡିଜେଏମ୍ ସୁମିତ୍ରା କୁମାରୀ ଦାଶ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଏପିପି ସତ୍ୟବ୍ରତ ମହାନ୍ତି ଓ ହିମାଂଶୁ ଶେଖର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଶିଶୁ ମନ୍ଦିରରେ ଶିଶୁ ଶିବିର

କେନ୍ଦୁଝର, ୨୮।୧(ସମିସ): ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରଗଡର ଶିଶୁ ବାଟିକା ବିଭାଗର ଶିଶୁଶିବିର ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସଭାରେ ବିଦ୍ୟାଳୟର ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଦୟାନିଧି ମହାନ୍ତ ଉପସ୍ଥିତ ଥିଲେ। ଶିଶୁବାଟିକା ପ୍ରମୁଖ ବିଜୟିନୀ ଦେବୀଙ୍କ ତତ୍ତ୍ୱାବଧାନରେ ସୁଜାତା ମିଶ୍ର, ମନସ୍ୱିନୀ ଦାଶ, ପୁଷ୍ପାଞ୍ଜଳି ସାହୁ, ଜ୍ୟୋତିରାଣୀ ପଣ୍ଡା, ଆରତୀ ସାହୁ, ମୌସୁମୀ ରାଉତରାୟ, ବିରଞ୍ଚିନାରାୟଣ ମହାନ୍ତ, ପ୍ରଦୀପ କୁମାର ଦାସ ପରିଚାଳନା କରିଥିଲେ।

## ପତିତପାବନ କଲେଜ ଅଧ୍ୟକ୍ଷଙ୍କୁ ଶ୍ରେଷ୍ଠ ଶିକ୍ଷକ ସମ୍ମାନ



**ରାମଚନ୍ଦ୍ରପୁର,୨୮ ।୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ପତିତପାବନ କଲେଜ ଅଧ୍ୟକ୍ଷ ଅମୂଲ୍ୟ ବିଶ୍ୱାଳଙ୍କୁ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅଧ୍ୟାପନା ପାଇଁ ଶ୍ରେଷ୍ଠ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ ଶ୍ରୀ ବିଶ୍ୱାଳଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ପତିତପାବନ କଲେଜର ଯୁକ୍ତ ତିନି ଅଧ୍ୟକ୍ଷ ଶରତକୁମାର ଜେନା, ଓଏସଡି ରାଜେନ୍ଦ୍ର ରାଉତ ସମେତ କାର୍ଯ୍ୟରତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଶ୍ରୀ ବିଶ୍ୱାଳଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ବିଶ୍ୱାଳଙ୍କୁ ସାଇଁକୁଳ ନାଗରିକ ମଞ୍ଚ ପକ୍ଷରୁ ମଧ୍ୟ ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରାଯାଇଛି।

## କେନ୍ଦୁଝର ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘ ଗଠିତ



**ଆନନ୍ଦପୁର, ୨୮।୧(ସମିସ):** କେନ୍ଦୁଝର ଜିଲ୍ଲାର ଘଟଗାଁ ମା'ତାରିଣୀ ମନ୍ଦିର ପ୍ରାଙ୍ଗଣରେ ନବନିଯୁକ୍ତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ବୈଠକରେ ସଂଘ ଗଠନ ହୋଇଛି। ସଂଘର ନାମ କନିଷ୍ଠ ଶିକ୍ଷକ ସଂଘ (ଯୋଜନାଭିତ୍ତିକ), କେନ୍ଦୁଝର ନାମରେ ନାମିତ କରାଯାଇଛି। ସତ୍ୟବ୍ରତ ଜେନାଙ୍କୁ ସଭାପତି, ସ୍ୱାଗତ ସୌରଭ ରଞ୍ଜନଙ୍କୁ ସାଧାରଣ ସମ୍ପାଦକ, ସତ୍ୟାନନ୍ଦ ନାୟକଙ୍କୁ କୋଷାଧ୍ୟକ୍ଷ, ଅକ୍ଷୟ ବେହେରାଙ୍କୁ ଉପସଭାପତି, ଅନିଲ କୁମାର ମହାଲିକଙ୍କୁ ସହସମ୍ପାଦକ, ରଶ୍ମିରଞ୍ଜନ ନାୟକ ଓ ଶୁଭଶ୍ରୀ ମହାନ୍ତଙ୍କୁ ଉପକୋଷାଧ୍ୟକ୍ଷ, ଉର୍ମିଳା ମହାନ୍ତ ଓ ଶୁଭଶ୍ରୀ ପ୍ରଧାନଙ୍କୁ ଗଣମାଧ୍ୟମ ସଂଯୋଜକ, ଭାଗୀରଥୀ ନାୟକଙ୍କୁ ଉପଦେଷ୍ଟା ତଥା ରାଜ୍ୟ ସଂଯୋଜକ ଭାବରେ ମନୋନୀତ କରାଯାଇଛି। ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନେ ପ୍ରାଥମିକ ଶିକ୍ଷକଙ୍କ ସମସ୍ୟା ସମାଧାନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ନାରଦପୁର,୨୮।୧(ସମିସ):** ଝୁମ୍ପୁରା ବ୍ଲକ ନାରଦପୁର ମା' ଗ୍ରାମ୍ୟ ଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର ଉଦଯାପିତ ହୋଇଯାଇଛି। ସମାରୋହରେ ସଭାପତି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ ସେଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ଜୟନ୍ତ କୁମାର ବେହେରା, ଯଯାତିକେଶରୀ ରାଉତ, ବାଦଲ କୁମାର ବେହେରା, ରବିନ୍ଦ୍ରନାଥ ମହାନ୍ତ ପ୍ରମୁଖ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ ପ୍ରଶିକ୍ଷଣର ବିନିଯୋଗ ଓ ବ୍ୟବହାର ସଂପର୍କରେ ଉଦବୋଧନ ଦେଇଥିଲେ। ଏହି ତାଲିମ ଶିବିର ଗତ ୧୮ ତାରିଖରୁ ଆରମ୍ଭ ହୋଇଥିଲା। ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

### ଏ ବର୍ଷ ଅଧିକ ଧାନ ବିକ୍ରୟ ପାଇଁ ବଢ଼ିଛି ଚାଷୀଙ୍କ ଡିମାଣ୍ଡ

# ଟୋକନ ଲାପ୍ସ ଥିଲେ ଜିଲ୍ଲାପାଳ ବଢ଼ାଇ ପାରିବେ ଅବଧି

**କେନ୍ଦୁଝର, ୨୮।୧(ସମିସ):** କେନ୍ଦୁଝର ଜିଲ୍ଲାରେ ଗତବର୍ଷ ଅପେକ୍ଷା ଧାନ କିଣା କିଛି ମାତ୍ରାରେ ପଛେଇଛି। ମରେଇଗାଁ ଧାନ ମଣ୍ଡିରେ ସର୍ବାଧିକ ୩୧୯୫୦. ୨୫ କ୍ୟୁଇଣ୍ଟାଲ ଧାନ କିଣା ସରିଥିବାବେଳେ ଜିଲ୍ଲାର ସମସ୍ତ ୯୫ଟି ମଣ୍ଡି ମଧ୍ୟରୁ ଆନନ୍ଦପୁର ଏସସିଏସ ସର୍ବନିମ୍ନ ୩୧୮. ୩ କ୍ୟୁଣ୍ଟାଲ ଧାନ କିଣିଥିବା ଜଣାପଡିଛି। ଏବର୍ଷ ଟୋକନ ଲାପ୍ସ ହେଲେ ଜିଲ୍ଲାପାଳଙ୍କୁ ୧୫ ଦିନ ପର୍ଯ୍ୟନ୍ତ ଅବଧି ବଢ଼ାଇବା ପାଇଁ କ୍ଷମତା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ୧୪୧ ଜଣ ଚାଷୀଙ୍କର ଟୋକନ ଅବଧି ମଧ୍ୟ ବୃଦ୍ଧି ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ, ବିଗତ ବର୍ଷ ଅପେକ୍ଷା ଏବର୍ଷ ଚାଷୀମାନେ ଅଧିକ ଧାନ ବିକ୍ରୟ ନିମନ୍ତେ ଦାବି ରଖିଛନ୍ତି।

ଗତବର୍ଷ ମୋଟ ୧୫ ଲକ୍ଷ ୮୦ ହଜାର କ୍ୟୁଣ୍ଟାଲ ଧାନ ଚାଷୀଙ୍କଠାରୁ କିଣାଯାଇଥିଲା। ଏଥର ୧୯୨୯୮୦୬ କ୍ୟୁଣ୍ଟାଲ ଧାନ ବିକ୍ରୟ ପାଇଁ ଡିମାଣ୍ଡ ଆସିଲାଣି। ଡିମାଣ୍ଡ ଆସିଥିବା ସମସ୍ତ ଧାନ କିଣା ନିମନ୍ତେ ଜିଲ୍ଲା ପ୍ରଶାସନ ସରକାରଙ୍କର ଅନୁମତି ମାଗିବାକୁ ପ୍ରସ୍ତୁତି ଚାଲିଲାଣି। ଏବର୍ଷ ଜାନୁଆରୀ ୨୮ ତାରିଖ ପର୍ଯ୍ୟନ୍ତ ୧୦୬୨୭୩୮. ୪୫ କ୍ୟୁଣ୍ଟାଲ ଧାନ କିଣା ସରିଲାଣି। ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲା ୯୫ ଗୋଟି ମଣ୍ଡିରୁ ୧୦୬୨୭୩୮. ୪୬ କ୍ୟୁଣ୍ଟାଲ ଧାନ କିଣା ସରିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।

ମରେଇଗାଁ ୩୧୯୫୦. ୨୫କ୍ୟୁଣ୍ଟାଲ, ଶଡା ୨୯୮୬୮. ୧୭, ପଳାସ୍ୱଙ୍ଗା ଲ୍ୟାମ୍ପ ୨୬୫୯୬. ୨୩, ତେଲକୋଇ ଲ୍ୟାମ୍ପ ୨୩୬୮୩. ୦୫, ଖଲଣା ଏସସିଏସ ୨୨୭୧୦. ୬୨, ଉଖୁଣ୍ଡା ଲ୍ୟାମ୍ପ ୨୨୩୪୫. ୨୪, ଡଅଁର ୨୨୬୮୮. ୫୬, କେଶଦୁରପାଳ ୨୦୦୩୬. ୩୭, ହରିଚନ୍ଦନପୁର ୨୦୨୮୭. ୫୬, ପଦ୍ମପୁର ୨୦୧୦୦. ୨୫, ପିଠାଗୋଳା ୧୬୩୬୯.

**ମରେଇଗାଁରୁ ଉଠିଛି ସର୍ବାଧିକ, ଆନନ୍ଦପୁରରେ ସର୍ବନିମ୍ନ ଧାନକିଣା**

୪୯, ସୋ ସୋ ୧୮୫୧୨. ୪୧, ସମଣା ୧୯୫୨୩. ୦୭, ଝୁମ୍ପୁରା ଲ୍ୟାମ୍ପ ୧୯୫୨୩. ୦୭, ସଦର ଲ୍ୟାମ୍ପ ନରଣପୁର ୧୬୯୩୩. ୦୮, ବଡ ରମ୍ପାସ ୨୦୦୩୬. ୩୬, ବାଙ୍ଗର ୧୬୪୩୧. ୭୮, ଦରଡିପାଳ ଏସ ସି ଏସ ୧୬୯୦୨. ୭୭ , ପାଟଣା ଲ୍ୟାମ୍ପ ୧୬୦୯୪. ୧୮, ପଞ୍ଚୁଗୋଛିଆ ୨୦୫୦୫. ୧୭, ଚଉଠିଆ ୧୨୪୨୪. ୭୮, ଖାଲିଆମେଣ୍ଟ ଏସ ସି ଏସ ୧୫୬୬୯. ୬୭, ଚେମଣା ୧୫୭୮୨. ୫, ଦେଓଗାଁ ଏସ ସି ଏସ ୧୭୨୫୦. ୯୯, ଘଟଗାଁ ୧୪୫୧୧. ୩୮, ମାଛଗଡ ୧୩୬୪୩. ୯୨,ଭଗାମୁଣ୍ଡା ୬୧୬୪. ୭୯, ବଳାରାମପୁର ଏସ ସି ଏସ ୧୪୭୫୫. ୮୮, ଢେଙ୍କିକୋଟ ୧୩୧୨୨. ୩୮, ସାହାରପଡା ଲ୍ୟାମ୍ପ ୧୨୪୯୫. ୮୩, ଜଂଘିରା ଲ୍ୟାମ୍ପ୧୧୪୨୧. ୮୪ , ରାଇସୁଆଁ ୧୨୪୮୨. ୭୩, ଜମୁନାପକ୍ଷି ୧୦୦୫୨. ୪୩ , ଗଡ଼ ବାନ୍ଧଗଡା ଏସ ସି ଏସ୧୧୧୮୬. ୨୩,ବାଉଁଶଗଡ଼ ୮୧୩୭. ୮୭, କେନ୍ଦେଇପଶି ୮୫୯୩. ୪୪, ସାଲଣିଆ ୧୩୭୭୩. ୧, ଛାମୁଣ୍ଡା ୧୨୫୫୯. ୦୯, ପିପିଳିଆ ୧୪୦୫୪. ୬୯, ଟଭା ସରୁଆ ୧୧୮୫୮. ୨୩, ଓରାଳୀ ୧୦୪୬୪. ୪୬, ରେବଣା ପଳାସପାଳ ୧୨୯୨୯. ୨୬, ରାଇସୁଆଁ ୧୧୪୨୧. ୧୨, ବଡ ପଳାସପାଳ ୧୦୭୯୨. ୬, ବକ୍ସି ବାରିଗାଁ ୧୦୨୨୯. ୯୯, କାଳିଆହତା ଲ୍ୟାମ୍ପ ୮୭୭୮. ୧, ଶୈଳଙ୍ଗ ୧୦୯୮୪୩. ୪, ଭଣ୍ଡାରୀଡିହା ୯୯୬୮. ୭୮, ବାଉଁସୁଳି ୧୦୦୬୨. ୪୫, ରାଜନଗର ଲ୍ୟାମ୍ପ ୯୮୧୩. ୧୪, ସାଲଦେଇ ଏସ ସି ଏସ ୧୧୮୮୬. ୧୨, ମୈଦାନକେଲ ୭୨୦୩. ୬୯, ଦେଉଳଡିହା ୬୭୯୯. ୭୯,ଢେଙ୍କା ୧୧୯୨୨. ୯୭, ଏରେଣ୍ଡେଇ ୧୦୧୨୪. ୬୧, କରଞ୍ଜିଆ ୧୦୧୦୪. ୭୩, ଭୂଇଁପୁର ୯୧୮୫. ୫୨, ଗୟଲମୁଣ୍ଡା ୭୪୦୮. ୯୬, ସିରିଗିଡା ୭୮୩୪. ୪୯, ପଣ୍ଡପଡା ୯୩୦୯. ୬୮, ଉଦୟପୁର ୮୩୫୫. ୨୯, ତରତରା ୮୪୩୨. ୪୩, ଖଜିରାପାଟ ୯୪୬୨. ୧୨,ଆମ୍ବୋ ୬୪୪୪. ୪୩,ରିମୁଳି ୫୬୭୪. ୯୪, ଧକଟା ୫୫୪୬. ୨, ରଘୁନାଥପୁର ୮୩୬୨. ୮, ଭଣ୍ଡା ଲ୍ୟାମ୍ପ ୮୬୫୮. ୦୫,ଜ୍ୟୋତିପୁର ୬୬୪୪. ୪୭, ଆଶନପାଟ ୭୫୫୫. ୦୪, ଫୁଲକଳେଇଁ ୭୭୩୪. ୦୭, ଅଳତି ୮୭୩୧. ୨୪, ବାତୋ ୬୩୯୫. ୪୨, କଣ୍ଟିପାଳ ୬୦୬୯. ୪୨, କୋଡ଼ପଡା ୬୨୫୭. ୯୬, , ବାଲିବନ୍ଧ ୫୯୧୪. ୫୧, ପଣଷଡିହା ୬୭୮୪. ୨୯, ସୁଲଣା ୪୮୦୪. ୩୯, ଚମ୍ପୁଆ ୫୩୯୫. ୪୮, କୋଲିମା ଟି ୨୬୭୦. ୫୪, ଫକିରପୁର ୩୪୭୪. ୧୬, ତରମାକାନ୍ତ ୩୫୧୬. ୬, ଶୁଆକାଟୀ ଲ୍ୟାମ୍ପ ୩୮୩୯. ୨୮, ପଞ୍ଚପାଲି ୬୦୨୦. ୬୪,ବଡପଦନା ୫୨୩୫. ୯୨, ଜାମୁଦଲକ ୪୮୬୪. ୦୫, ଗୋନାସିକା ଲ୍ୟାମ୍ପ ୨୭୪୨. ୩୪, ନୟାକୋଟ ୫୩୩୭. ୫୩, ତଳଜାଗର ୫୮୪୪. ୨୨, ବାଲି ବରେଇ ୨୫୫୪. ୯୭, ଭୀମକାଣ୍ଡ ୫୧୭୭. ୨୮, ବେଳବହାଲି ୫୯୪୭. ୮୮, ପଦ୍ମପୁର ୨୮୧୪. ୦୯, କଣ୍ଡରା ୯୫୪. ୩, ଆନନ୍ଦପୁର ଏସସିଏସରେ ମଙ୍ଗଳବାର ପର୍ଯ୍ୟନ୍ତ ୩୧୮. ୩କୁ ମିଶାଇ ମୋଟ ୧୦୬୨୭୩୮. ୪୬ କ୍ୟୁଣ୍ଟାଲ ଧାନ କିଣା ସରିଛି।

## ଓଁମସାଇ ଇଣ୍ଟର୍‌ନ୍ୟାସ୍‌ନାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାମଚନ୍ଦ୍ରପୁର,୨୮ ।୧(ସମିସ): ଘଷିପୁରା ବ୍ଲକ ରେକୁଟିଆସ୍ଥିତ ଓଁମସାଇ ପବ୍ଲିକ୍ ଇଣ୍ଟରନ୍ୟାସନାଲ ସ୍କୁଲର ଦଶମ ବର୍ଷିକ ଉତ୍ସବ ପାଳନ କରାଯାଇଛି। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ବିନୋଦ ବିହାରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଏମସି ମ୍ୟାନେଜର ବିକାଶ ଚରଣ ପରିଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋଲକ ବିହାରୀ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଜୟନ୍ତ କୁମାର ତ୍ରିପାଠୀ, ରଞ୍ଜନ କୁମାର ଜେନା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ତାପସ ରାଉତ ବିଦ୍ୟାଳୟ କିପରି ଆହୁରି ଅଧିକରୁ ଅଧିକ ଉନ୍ନତ କରାଯାଇପାରିବ ସେଥିନେଇ ଶିକ୍ଷକ ଏବଂ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଅତିଥିଙ୍କ ଗହଣରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ରଥ, ଶିକ୍ଷକ ସୂର୍ଯ୍ୟକାନ୍ତ ରାଉତ, ସୁଜାତା ନାୟକ, କୋମଳିକା ସେଠୀ, ପୂଜାରାଣୀ ବଳ, ସଂଧ୍ୟାରାଣୀ ସାହୁ, ମୋନାଲି ପୁହାଣ, ଇପ୍ସିତା ରାଉତ, ଧରିତ୍ରୀ ରାଉତ ପ୍ରମୁଖ ସହଯୋଗ କରିଥିବା ବେଳେ ଶୁଭାଶିଷ ଜେନା ସଞ୍ଚାଳନ କରିଥିଲେ। ଅକ୍ଷୟ ସା ଏବଂ ପ୍ରଗତି ନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ।

## ଭଗବତୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



**ରାମଚନ୍ଦ୍ରପୁର,୨୮ ।୧(ସମିସ):** ଘସିପୁରା ବ୍ଲକ ଭଣ୍ଡାରୀଡିହା ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକଉତ୍ସବରେ ମୁଖ୍ୟଅତିଥି ସମାଜସେବୀ ଯୁଧିଷ୍ଠିର ନାୟକ, ମୁଖ୍ୟବକ୍ତା ଦେଓଗାଁ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ଜେନା, ସମ୍ମାନିତ ଅତିଥି ଭାବେ ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପବିତ୍ର ମୋହନ ରାଉତ ଏବଂ ଅଜୟ କୁମାର ପଟ୍ଟନାୟକ, ବାଳିକା ଉଚ୍ଚବିଦ୍ୟାଳୟ ଭଣ୍ଡାରିଡିହା ପ୍ରଧାନଶିକ୍ଷକ ପ୍ରଶାନ୍ତ ବାସ, ସିଆରସି ସତ୍ୟସୁନ୍ଦର ପଟ୍ଟନାୟକ ଯୋଗ ଦେଇଥିଲେ। ଅତିଥିଙ୍କ ଗହଣରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କ୍ରୋମାଇଟ୍ ପରିବହନ ନେଇ ଆଲୋଚନା



**ସୋସୋ, ୨୮।୧(ସମିସ):** ହାଟଡିହି ବ୍ଲକର ବାଙ୍ଗୋର ଓଏମସି କ୍ରୋମାଇଟ ମାଇନ୍‌ସରୁ ୨ମାସରୁ ଅଧିକ ହେବ କ୍ରୋମଇଟ ପରିବହନ ହୋଇପାରୁନାହିଁ। ଯାହାକୁ ନେଇ ଟ୍ରକ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହାର ସମାଧାନ ପାଇଁ ଓଏମସି କର୍ତ୍ତୃପକ୍ଷ, ଟ୍ରକ ମାଲିକ ଓ ବଡଲା ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଏବଂ ବିଧାୟକଙ୍କ ଉପସ୍ଥିତିରେ ହଦଗଡଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା; କିନ୍ତୁ ଏଥିରେ କୌଣସି ସୁଫଳ ମିଳି ନଥିବା ଜଣାପଡ଼ିଛି। ବିଧାୟକ ଅଭିମନ୍ୟୁ ସେଠୀ, ଓଏମସିର ଲୋକସମ୍ପର୍କ ଅଧିକାରୀ ଦେବାଶିଷ ସାମଲ, ମାଇନ୍ସ ମ୍ୟାନେଜର ସୁଶାନ୍ତ ନାୟକ, ଆରଏମ ଆଶିଷ ସାମନ୍ତରାୟ, ବଡଲା ଟ୍ରକ ମାଲିକ ସଂଘର ସଭାପତି ରମାକାନ୍ତ ନାୟକ, ଟ୍ରକ ମାଲିକ ସମ୍ପାଦକ ସୋମନାଥ ଦାସ, ପବିତ୍ର ମୋହନ ପେଡା, ରବିନ୍ଦ୍ର ସାହୁ ପ୍ରମୁଖ ଟ୍ରକ ମାଲିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବାଙ୍ଗୋର ଓ ଧନୁର୍ଜୟପୁର ପଞ୍ଚାୟତରୁ କ୍ରୋମଇଟ ଖଣିଟି ହୋଇଥିବାରୁ ସେମାନଙ୍କୁ ଅଧିକ ଲୋଡିଂ ଦେବାକୁ ଦାବିକରି ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି। ଓଏମସିର କ୍ରୋମାଇଟ ପରିବହନ ହେଉ ନଥିବାବେଳେ ଟ୍ରକ ମାଲିକମାନେ ଚିନ୍ତାଗ୍ରସ୍ତ ଅଛନ୍ତି।

## ପ୍ରଶାସନ ଏକାଦଶ-ପ୍ରେସ୍ ଏକାଦଶ କ୍ରିକେଟ୍

**ଆନନ୍ଦପୁର, ୨୮।୧(ସମିସ):** ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ସବୁବର୍ଷ ପରି ଚଳିତ ବର୍ଷ ପ୍ରଶାସନ ଏକାଦଶ ଏବଂ ପ୍ରେସ୍ ଏକାଦଶ ମଧ୍ୟରେ ଅନୁଷ୍ଠିତ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ପ୍ରଶାସନକୁ ୮ ଉଇକେଟରେ ହରାଇ ପ୍ରେସ୍ ଏକାଦଶ ବିଜୟୀ ହୋଇଛି। ୧୨ ଓଭର ଲେଖାଏଁ ଖେଳ ହେବା ନେଇ ସିଦ୍ଧାନ୍ତ ହୋଇଥିଲା। ପ୍ରଶାସନ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୦୨ ରନ୍ କରିଥିଲା ବେଳେ ପ୍ରେସ୍ ଏକାଦଶ ୮ ଉଇକେଟରେ ପ୍ରଶାସନ ଏକାଦଶକୁ ହରାଇଥିଲା। ପ୍ରେସ୍



ଏକାଦଶକୁ ଉପଖଣ୍ଡର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ ବିଜୟୀ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଅପ ଦଳକୁ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ବେହେରା ଟ୍ରଫି ପ୍ରଦାନ କରିଥିଲେ।

## ଶ୍ରୀବାଲୁଙ୍କେଶ୍ୱର ମନ୍ଦିର ପରିଚାଳନା କମିଟି ଗଠିତ



**ଆନନ୍ଦପୁର, ୨୮।୧(ସମିସ):** ଆନନ୍ଦପୁର ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଫକୀରପୁରର ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପରିଚାଳନା କମିଟି ଆଜି ଗଠନ କରାଯାଇ ନୂତନ କମିଟିର କର୍ମକର୍ତ୍ତା ଘୋଷଣା କରାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ନିର୍ଦ୍ଦେଶରେ ଆଶିଷ୍ଟାଣ୍ଟ କଲେକ୍ଟର ତପନ କୁମାର ପ୍ରଧାନ ଏଆରଆଇ ରତ୍ନମଣି ଦାସ ଦେବୋତ୍ତର ବିଭାଗ ସହାୟକ ଅଶୋକ ସେଣ୍ଠିଙ୍କ ତତ୍ତ୍ୱାବଧାନରେ ଫକୀରପୁର ଗ୍ରାମବାସୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କମିଟି ଗଠନକୁ ନେଇ ଦୀର୍ଘଦିନ ଧରି ଲାଗିରହିଥିବା ବିବାଦର ଅନ୍ତ ଘଟାଇ ଗ୍ରାମବାସୀଙ୍କ ସହମତିରେ ପୂର୍ବତନ କାଉନସିଲର ନରେନ୍ଦ୍ର ପଣ୍ଡା ସଭାପତି, ପ୍ରଦୀପ ମହାନ୍ତି ଉପସଭାପତି, ପ୍ରଭାତ ପଣ୍ଡା ସଂପାଦକ ଭାବେ ମନୋନୀତ କରାଯାଇଥିବା ବେଳେ କମିଟିର ସଦସ୍ୟ ଭାବେ ମହେଶ୍ୱର ମହାନ୍ତି, ବିଜୟ ସାହୁ, ଆତୁଲ ବେହେରା, ବିଜୟ ସାହାଣି, ଶ୍ରୀଧର ମଲ୍ଲିକ, ରାଜୀବ ଲୋଚନ ଜେନା, ସଂଜୟ ମଲ୍ଲିକ, ପ୍ରମୋଦ ମଲ୍ଲିକ, ସୁବାସ ରାଉଳ, ଭିକାରୀ ଜେନା, ଅମରେନ୍ଦ୍ର ପତି, ସୁଧିର ରଂଜନ ଦାସ, ବିଭୂତି ଭୂଷଣ ମହାନ୍ତି, କାଉନସିଲର ସୁରେନ୍ଦ୍ର ଦାସ, ସନତ କର, ସୁଜିତ ସାହୁ ଓ ନିବେଦିତା ବେହେରା ମନୋନୀତ ହୋଇଥିବା ଜଣାଯାଇଛି।

## ଫକୀରପୁର ସାହିତ୍ୟ ସଂସଦ ପକ୍ଷରୁ ଶ୍ରାଦ୍ଧଦିବସ




**ଆନନ୍ଦପୁର, ୨୮।୧ (ସମିସ):** ଆନନ୍ଦପୁର-ଆନନ୍ଦପୁର ଉପଖଣ୍ଡର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଫକୀରପୁର ସାହିତ୍ୟ ସଂସଦ ପକ୍ଷରୁ ସ୍ୱର୍ଗତ ଅନଙ୍ଗ ଚରଣ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ସଭାପତି ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଫକୀରପୁର ବାଳିକା ଉଚ୍ଚବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ନାୟକ, ଶିଶୁ ସାହିତ୍ୟିକ ବୈଲୋଚନ ସାହୁ, କବୟିତ୍ରୀ ବିଦ୍ୟୁତଲତା ଦେଓ, ଶିକ୍ଷାବିତ ବିଜୟ ସୁର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସଂସଦର ସମ୍ପାଦକ ଅନିଲ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ନୀଳମଣି ବାରିକ, ଅଜ୍ଞାନ ରାଉତ, ପ୍ରଦୀପ ହଜାରୀ, ରମାକାନ୍ତ ଓଝା, ଜ୍ୟୋସ୍ନାରାଣୀ ଦାସ କବିତା ପାଠ କରିଥିଲେ। ବସନ୍ତ ସାହୁ, ବିଜୟ କୁମାର ଷେଣ୍ଢେ, ଗୋବିନ୍ଦଚନ୍ଦ୍ର ଦାସ, ନାରାୟଣ ବାରିକ, ନୃସିଂହ ଦତ୍ତ, ନରେନ୍ଦ୍ର ପଣ୍ଡା, ବୈଦ୍ୟନାଥ ସାହୁ, ଅନନ୍ତ ଖଟୁଆ, କାମଦେବ ଗୁଇଁ, ଗଙ୍ଗାଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତର ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଏମ୍ କପ୍ ଆନ୍ତଃକ୍ଲବ୍ ଫୁଟ୍‌ବଲ: ଜେଏସ୍‌ଡବ୍ଲୁ ଚାମ୍ପିଅନ

କେନ୍ଦୁଝର, ୨୮।୧(ସମିସ)

ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଇ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ସିଏମ କପ ଆନ୍ତଃକ୍ଲବ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲରେ ଜେଏସଡବ୍ଲୁ ଫାଉଣ୍ଡେସନ ବନ୍ଧୁଆବେଡା ୮-୦ ଗୋଲରେ ଟାଟା ଷ୍ଟିଲକୁ ହରାଇ ଚାମ୍ପିଅନ ହୋଇଛି। ୭ ନମ୍ବର ଜର୍ସି ତାରକା ଖେଳାଳି କ୍ରିଷ୍ଣା ନାଏକ ୯, ୩୪, ୪୮, ୫୦ ଏବଂ ୫୩ ମିନିଟରେ ଏକ ହ୍ୟାଟ୍ରିକ ସହ ବ୍ୟକ୍ତିଗତ ୫ଟି ଗୋଲ ବଳରେ ଏହି ବିଜୟ ହାସଲ ହୋଇଛି। କାଳୀଚରଣ ମାଝୀ ୨ଟି ଓ ସତ୍ୟ ନାଏକ ଗୋଟିଏ ଗୋଲ କରିଥିଲେ।

ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ମହମଦ ଫିରୋଜ ଖାଁ, ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜେଏସଡବ୍ଲୁର ପାର୍ଥସାରଥୀ ବେହୁରା, ବିଜୟ ସାହୁ, କ୍ରୀଡା ଛାତ୍ରବାସ ଅଧୀକ୍ଷକ ଜିତେନ୍ଦ୍ର ମହାକୁଡ଼ ଓ ବଡ଼ବିଲର ବିଶିଷ୍ଟ ସମାଜସେବୀ ଲଛମନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, ଉପସଭାପତି ସୁରେଶ ପଟ୍ଟନାୟକ କୋଷାଧ୍ୟକ୍ଷ ସରୋଜ କୁମାର ରଣା, କାଉନସିଲ ସଦସ୍ୟ ରାଜକୁମାର ମିଶ୍ର, ସନାତନ ବେହେରା, ବିଦ୍ୟାଧର ରାଏ, ସନ୍ଦୀପ ବେହେରା, ଗିରୀଶ ହୋତା, ସୁରେଶ ରଣା ଏବଂ ଫୁଟବଲ କୋଚ ମାର୍କଣ୍ଡ ସାମଲ ପ୍ରମୁଖ ପଡିଆରେ ଉପସ୍ଥିତ ଥିଲେ। ଯତୀନ ମହାନ୍ତ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ବେଣୁଧର ମୁଣ୍ଡା ଏବଂ ବୃନ୍ଦାବନ ମୁଣ୍ଡା ତାଙ୍କୁ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶଙ୍କର୍ଷଣ ନାଏକ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଥିବାବେଳେ କ୍ରୀଡା ନିର୍ଦ୍ଦେଶାଳୟର ଯଶପାଲ ଉର୍ମା, ବୀରେନ୍ଦ୍ର ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ ଓ ବାଦଲ ମହାକୁଡ଼ ସିଲେକ୍ଟର ଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଏକ ୪୦ ଜଣିଆ ସମ୍ଭାବ୍ୟ ଜିଲ୍ଲା ଦଳ ପାଇଁ ଖେଳାଳି ମନୋନୀତ ହୋଇଥିବାର ଜଣାଯାଇଛି।



## ମୁଖ୍ୟମନ୍ତ୍ରୀ ବସ୍ ଚାଳକଙ୍କୁ ମାଡ଼

# ଧାରଣାରେ କର୍ମଚାରୀ

**ଭଦ୍ରକ,୨୮ ।୧(ସମିସ):** ଜଣେ ମୁଖ୍ୟମନ୍ତ୍ରୀ ବସ୍‌ର ଚାଳକଙ୍କୁ ମାଡ଼ମରା ଘଟଣାରେ କର୍ମଚାରୀମାନେ ଧାରଣାରେ ବସିଥିବାରୁ ଯାତ୍ରୀ ପରିବହନ ବାଧାପ୍ରାପ୍ତ ହୋଇଛି। ଚାନ୍ଦବାଲି ବ୍ଲକରେ ଘଟିଛି ଘଟଣା। ୨ଦିନ ତଳେ ଚାନ୍ଦବାଲିରୁ ଧାମରା ଅଭିମୁଖେ ମୁଖ୍ୟମନ୍ତ୍ରୀ ବସ ଯାଉଥିବା ବେଳେ ଜନ୍ନୁଆଲି ଛକ ନିକଟରେ କିଛି ଯୁବକ ଗାଡ଼ିକୁ ଅଟକାଇଥିଲେ। ଡ୍ରାଇଭର ଗାଡି ଅଟକାଇବା ପରେ ଗଡଗାଲି କ'ଣ ପାଇଁ ଆମ କୁକୁର ଉପରେ ଗାଡି ଚଢ଼ାଉ ଦେଲୁ କହି ଗାଳି ଗୁଲଜ କରିବା ସହ ମାଡ଼ ମାରିଥିବା ବଂଶଡା ଥାନାରେ ଅଭିଯୋଗ ହୋଇଛି। ପରେ ମଧ ଏଥିରେ ସମ୍ପୃକ୍ତ କାହାକୁ ବି ପୁଲିସ ଗିରଫ କରିପାରି ନାହିଁ। ଅଭିଯୁକ୍ତକୁ ଗିରଫ କରିବା ପାଇଁ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ମଧ ନିଆଯାଇ ନାହିଁ। ଯେ ପର୍ଯ୍ୟନ୍ତ ଅଭିଯୁକ୍ତକୁ ଗିରଫ କରା ନ ଯାଇଛି ସେ ପର୍ଯ୍ୟନ୍ତ ଗାଡି ଚଳାଇବେ ନାହିଁ ବୋଲି କର୍ମଚାରୀ ମାନେ ଜିଦ୍ ଧରି ବ୍ଲକ୍ ପରିସରରେ ଧାରଣାରେ ବସି ରହିଛନ୍ତି।



# ବାଲିମୁଣ୍ଡାର ଏୟାରଷ୍ଟ୍ରିପରୁ ଉଡ଼ିଲା ପ୍ରଥମ ବିମାନ

**ଭଦ୍ରକ/ବାସୁଦେବପୁର,୨୮ ।୧(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବାଲିମୁଣ୍ଡା ପଞ୍ଚାୟତର ଏୟାରଷ୍ଟ୍ରିପ ରନୱେରେ ଭୁବନେଶ୍ୱରକୁ ଉଡ଼ିଲା ବିମାନ। ଅଦାନୀ ପୋର୍ଟ କମ୍ପାନୀ ପକ୍ଷରୁ ନିର୍ମାଣ ଚାଲିଛି ଏହି ଏୟାର ଷ୍ଟ୍ରିପ। ପୂର୍ବ ସରକାରଙ୍କୁ କମ୍ପାନୀ ମାଗିଥିଲେ ୫୫୦ ଏକର ଜାଗା। ପ୍ରଥମ ପର୍ଯ୍ୟାୟରେ ଯୋଗାଇ ଦେଇଛନ୍ତି ୩୧୯ ଏକର ମିଳିଥିଲା ବେଳେ ୨୦୧୫ଠାରୁ ଆରମ୍ଭ ହୋଇଥିଲା ପ୍ରସ୍ତାବିତ ଏୟାରଷ୍ଟ୍ରିପ କାମ। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୪୫ରେ ଭୁବନେଶ୍ୱରରୁ ଆସିଥିବା ବିମାନ ରନୱେରେ ପରୀକ୍ଷଣ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଯୋଗୁଁ ଯୋଗାଯୋଗ ସୁଗମ ହୋଇପାରିଛି। ଧାମରାରୁ ବାସୁଦେବପୁର ପର୍ଯ୍ୟନ୍ତ ଶିଳ୍ପନଗରୀ ଗଢିଉଠିବ ବୋଲି ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ କହିଛନ୍ତି। ଅଦାନୀର ଉପସଭାପତି ମହେନ୍ଦ୍ର ମେକୱାନା ଏୟାରଷ୍ଟ୍ରିପରେ ଓହ୍ଲାଇଥିଲେ। ପରେ ଅଦାନୀ କମ୍ପାନୀ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କିଛି ଘଣ୍ଟା ବିମାନ ରହିବା ପରେ ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲା।




# ପୁରପଲ୍ଲୀରେ ସାଧାରଣତନ୍ତ୍ର ଦିବସ ପାଳିତ

**ବନ୍ତ/ଆଗରପଡ଼ା,୨୮ ।୧(ସମିସ):** ବନ୍ତ ଅଞ୍ଚଳର ପୁରପଲ୍ଲୀରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ନିମାପଡ଼ା ବିବେକାନନ୍ଦ ଶିଶୁମନ୍ଦିରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଡ. ଜୟନ୍ତ କର ଶର୍ମା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବନ୍ତ ବ୍ଲକରେ ମନୋରଂଜନ ଘଡ଼ାଇ ପତାକା ଉତ୍ତୋଳନ କରିଥିଲେ। ବନ୍ତ ତହସିଲରେ ତହସିଲଦାର ସାର ହେମ୍ବ୍ରମ, ସବ୍‌ରେଜିଷ୍ଟ୍ରରରେ ପ୍ରଶାନ୍ତ ପୁହାଣ, ବନ୍ତଥାନାରେ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ, ବନ୍ତ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଡ. ପ୍ରଫୁଲ୍ଲ ସାହୁ, ବନ୍ତ କଲେଜର ଅଧ୍ୟକ୍ଷ ରମେଶଚନ୍ଦ୍ର ସାମଲ, ଆଦର୍ଶ ବିଦ୍ୟାଳୟରେ ପାର୍ଥସୁନ୍ଦର ମହାକୁଡ଼, ବନବିହାରୀନୋଡ଼ାଲରେ ଜାତୀୟ ପୁରସ୍କୃତ ଶିକ୍ଷକ ଅଜୟ ପୃଷ୍ଟି, ବନ୍ତ ସିପିଆଇ କାର୍ଯ୍ୟାଳୟର ବରିଷ୍ଠ ନେତା ଗୋପବନ୍ଧୁ ସେଠୀ, ଟିଲୋ ପଞ୍ଚାୟତରେ ସରପଞ୍ଚ ସଂଗ୍ରାମ ଜେନା, ବସନ୍ତିଆ ପଞ୍ଚାୟତରେ ସରପଞ୍ଚ ଅଶୋକ ସାହୁ, ବନ୍ତ ବିଦ୍ୟୁତ୍ ବିଭାଗରେ ଇଂ ମାନସ ରଂଜନ ପଣ୍ଡା, ହରେକୃଷ୍ଣ ଦାସ ପତାକା ଉତ୍ତୋଳନ କରିଥିଲେ। ଅନୁରୂପ ଭାବେ ବନ୍ତ ଶିଶୁମନ୍ଦିର, ବନ୍ତ ହାଇସ୍କୁଲ, ବାଳିକା ହାଇସ୍କୁଲ, ମହତାବ ମ.ଇ ସ୍କୁଲ, ବନ୍ତ ପୋଷ୍ଟଅଫିସ, ଅଢ଼ାଳପଙ୍କ କୃପାସିନ୍ଧୁ ହାଇସ୍କୁଲରେ ପ୍ର.ଶିକ୍ଷକ ପିତବାସ ଜେନା, ସେଣ୍ଡତୀରା, ନିଳୋକ,ବସନ୍ତିଆ, କେନ୍ଦୁଆପଦା, ଜଗଦୀଶପୁର,ଭୁବନେଶ୍ୱରପୁର ଶାସନ,ହରିଶ୍ଚନ୍ଦ୍ର ଆଶ୍ରମ, ନିମାପଡ଼ା,ରଘୁନାଥପୁର, ସାନବଛିକୟାଁ, ରାମଚନ୍ଦ୍ରପୁର, ପାନପଦୀ, ଟାଇଗୁଣା ଆଦି ବିଦ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଥିଲା।



# ବାବା ଖଗେଶ୍ୱର ଶିକ୍ଷକ କଲ୍ୟାଣ ସମିତିର ବାର୍ଷିକଉତ୍ସବ

**ବନ୍ତ/ଆଗରପଡ଼ା,୨୮ ।୧(ସମିସ):** ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ବରହମପୁରସ୍ଥିତ ବି.ପି ହାଇସ୍କୁଲରେ ବାବା ଖଗେଶ୍ୱର ଶିକ୍ଷକ କଲ୍ୟାଣ ସମିତି ପକ୍ଷରୁ ଷଷ୍ଠ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ଅନାମ ଚରଣ ଜେନାଙ୍କ ସଭାପତିରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶୀଶେଖର କରଶର୍ମା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ବନ୍ତ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ୍ଟ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କରଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜୟ ପୃଷ୍ଟି, ଜୀବନବୀମା ଉପଦେଷ୍ଟା ମଧୁସୂଦନ ସାମଲ, ରାଜ୍ୟ ପୁରସ୍କାରପ୍ରାପ୍ତ ଅବସର ଶିକ୍ଷାବିତ୍ ଖଗେଶ୍ୱର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ମଧୁସୂଦନ ଘଡ଼ାଇ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ ଅଲେଖଚନ୍ଦ୍ର ନାୟକ, ବି.ପି ହାଇସ୍କୁଲ ପ୍ରଧାନଶିକ୍ଷକ ଆନନ୍ଦଚନ୍ଦ୍ର ରାଉତ, ଶିକ୍ଷାବିତ କୈଳାସଚନ୍ଦ୍ର ଘଡ଼େଇ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ବିଭିନ୍ନ ବୃଦ୍ଧା ଆଶ୍ରମରେ ସେବା କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ। ଶିକ୍ଷକ ଶ୍ରୀକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାର୍ଷିକ ବିବରଣୀ ଶିକ୍ଷକ କଲ୍ୟାଣ ସମିତି ସମ୍ପାଦକ ମାର୍କଣ୍ଡ ଚରଣ ନାୟକ ପ୍ରଦାନ କରିଥିଲେ। ବାର୍ଷିକ କାର୍ଯ୍ୟପନ୍ଥା ର ହିସାବ କୋଷାଧ୍ୟକ୍ଷ ବଳରାମ ଜେନା ପ୍ରଦାନ କରିଥିବା ବେଳେ ଅନିମା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସୁକାନ୍ତିମଣି ଦାସ, ପ୍ରହଲ୍ଲାଦ ଜେନା, ପଦ୍ମନାଭ ସାହୁ, ସହଦେବ ବେହେରା, ପ୍ରହଲ୍ଲାଦ ଘଡ଼ାଇ, ଶକ୍ତିଧର ଜେନାଙ୍କୁ କଲ୍ୟାଣ ସମିତି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସବୁଠାରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଥିଲା। ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



# ଗଛକୁ ପିଟି ଡ୍ରାଇଭର ମୃତ

**ଅସୁରାଳି, ୨୮ ।୧(ସମିସ):** ବାରିକ୍‌ପୁର-ଅସୁରାଳି ରାସ୍ତାର ତ୍ରାହି ଅଚ୍ୟୁତ ନିକଟସ୍ଥ ଆନନ୍ଦ ସାହୁ ବାଙ୍କଠାରେ ବାରିକ୍‌ପୁରରୁ ଆସୁଥିବା ଡଲା ଅଟୋଟି ଗଛ ସହ ବାଡେଇ ହେଇଯିବା ଯୋଗୁଁ ଡ୍ରାଇଭର ମାନସ ମଲ୍ଲିକ (୩୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର କେନ୍ଦୁଆପଦା ଆମ୍ବରଠାରେ। ଅଟୋ ନେଇ ଛଣ ଆଣିବା ପାଇଁ ଅସୁରାଳି ଯାଉଥିଲେ। ଖବର ପାଇ ଧାମନଗର ଥାନାଧିକାରୀ ତଦନ୍ତ କରିବା ସହ ଅଟୋକୁ ଜବତ କରିଛନ୍ତି।

# ଉପସ୍ୱାସ୍ଥ୍ୟ କେନ୍ଦ୍ରରୁ ଚୋରି

**ବନ୍ତ/ଆଗରପଡ଼ା,୨୮ ।୧(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ହାସିନପୁର ଦାସସାହି ନିକଟସ୍ଥ ଉପସ୍ୱାସ୍ଥ୍ୟ କେନ୍ଦ୍ରରୁ ଲକ୍ଷାଧିକ ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସକାଳେ ସ୍ଥାନୀୟ ଲୋକେ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଗେଟ ଖୋଲା ଥିବା ବେଳେ ମୁଖ୍ୟଦ୍ୱାର ଗ୍ରିଲ କବଜା ଭଙ୍ଗା ଯାଇଥିବା ଦେଖିବା ସହ ସଙ୍ଗେ ସଙ୍ଗେ କାର୍ଯ୍ୟରତ କର୍ମଚାରୀଙ୍କୁ ଖବର ଦେଇଥିଲେ। ଖବର ପାଇ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଘରର ସମସ୍ତ ଦ୍ୱାରର ଚାବି ଭଙ୍ଗାଯାଇଛି। ଭିତରେ ଥିବା ଲାପଟପ, ଜେରକ୍ସ ମେସିନ, ଇନଭଟର ବ୍ୟାଟେରୀ, ଫ୍ୟାନ ଚୋରି ହେବା ସହିତ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ। ଏହାପୂର୍ବରୁ ମଧ୍ୟ ଚାରିଚାରି ଥର ଚୋରି ହୋଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ଜଣାପଡ଼ିଛି।

# ବିରସ ପଞ୍ଚାୟତରେ ବିଜେଡିର ସଭା

**ବାସୁଦେବପୁର, ୨୮ ।୧(ସମିସ):** ବାସୁଦେବପୁର ବ୍ଲକର ବିରସ ପଞ୍ଚାୟତର ବିରସ ନୂଆପଲ୍ଲୀଠାରେ ବିଜୁ ଜନତାଦଳର ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଜେଡିର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ବାଲିମେଦ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଫୁଲ୍ଲ ପଳିତା, ବିରସ ସମିତି ସଭ୍ୟ ସଂଜୀବ ନାୟକ, ବିରସ ସୋସାଇଟିର ସଭାପତି ନିରଞ୍ଜନ ଦାସ ଉଦବୋଧନ ଦେଇଥିଲେ। ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ସହିତ ଲୋକମାନଙ୍କ ସମସ୍ୟା ସମାଧାନ ପାଇଁ ସାହାଯ୍ୟ କରିବାକୁ ପରାମର୍ଶ ଦେଇ ଥିଲେ। ଆଜି ବି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ରହିଛି। ତାଙ୍କର ଆଶା ଭରସାକୁ ବଜାୟ ରଖିବା ପାଇଁ ସମସ୍ତେ ଚେଷ୍ଟା କରିବାକୁ ଶ୍ରୀ ରାଉତରାୟ ନିବେଦନ କରିଥିଲେ।

# ନାଆମୀରେ ବାଛୁରି ମଡ଼କ

**ଭଣ୍ଡାରିପୋଖରୀ,୨୮ ।୧(ସମିସ):** ମଞ୍ଜୁରୀରୋଡ ନାଆମୀ ପଞ୍ଚାୟତରେ ଗତ ସପ୍ତାହକ ମଧ୍ୟରେ ୧୦ରୁ ଅଧିକ ବାଛୁରି ପ୍ରାଣ ହରାଇଛନ୍ତି। ବାଛୁରିଗୁଡ଼ିକ ପ୍ରଥମେ ଛୋଟେଇ ଚାଲିବା ସହ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରୁଛନ୍ତି। ଏଥିପାଇଁ ଗୋପାଳମାନେ ଆଶଙ୍କାଗ୍ରସ୍ତ ହୋଇଛନ୍ତି। ନାଆମୀ ଗ୍ରାମର ପୂର୍ବତନ ୱାର୍ଡ ସଦସ୍ୟ ଉପେନ୍ଦ୍ର ସେଠୀ, ବାବାଜି ସେଠୀ, ମାନଗୋବିନ୍ଦ ଜେନା ପ୍ରମୁଖ ଏହି ଘଟଣାକୁ ନେଇ ଉଦବେଗ ପ୍ରକାଶ କରିବା ସହ ପଶୁସମ୍ପଦ ବିଭାଗ ଏହାର ପ୍ରତିକାର କରିବାକୁ ଦାବି କରିଛନ୍ତି।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ

## କୋଡ଼ବରୁଆଁ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟ



**ଭଦ୍ରକ,୨୮ ।୧(ସମିସ):** ଭଦ୍ରକ ବ୍ଲକ କୋଡ଼ବରୁଆଁ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ସମ୍ମାନିତଅତିଥି ଭାବେ କୋଡବରୁଆଁ ସରପଞ୍ଚ ସୁଷମା ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ଅନିଲ ନାୟକ ଓ ଗୟାଧର ପଣ୍ଡାଙ୍କ ସହ ଅନ୍ୟତମ ସମ୍ମାନିତ ଅତିଥି ଶିକ୍ଷାବିତ ଗୟାଧର ସାହୁ ଉଦବୋଧନ ଦେଇଥିଲେ। ପ୍ରଧାନଶିକ୍ଷକ ରଘୁନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ବିଭିନ୍ନ ବର୍ଗରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର, ପ୍ରମାଣପତ୍ର ଦିଆଯାଇଥିଲା। ଶିକ୍ଷକ ଗୌତମ ମହାରଣା ଓ ରଜତ ଦାସ ପରିଚାଳନା କରିଥିଲେ। ଶିକ୍ଷକ-ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀଙ୍କ ସହ ଛାତ୍ରଛାତ୍ରୀ ଓ ବହୁ ଅଭିଭାବକ ଉପସ୍ଥିତ ଥିଲେ।

## ବିଦ୍ୟାର୍ଥୀ ଇଣ୍ଟର୍‌ନ୍ୟାସନାଲ ସ୍କୁଲ

ଭଦ୍ରକର ବିଦ୍ୟାର୍ଥୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍ ଆନୁକୂଲ୍ୟରେ ବିଦ୍ୟାର୍ଥୀ ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ "ଉଡାନ" ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ସମାଜସେବୀ କ୍ଷୀତିଶସାମନ୍ତ ବେହେରା, ଅନୁଷ୍ଠାନର ଅଧ୍ୟକ୍ଷ ସୁନୀଲ ପାଢୀ, ନିର୍ଦ୍ଦେଶକ ଅଚ୍ୟୁତ କୁମାର ସାହୁ ଓ ରାମଚନ୍ଦ୍ର ପଣ୍ଡାଙ୍କ ସହ ପ୍ରିନ୍ସିପାଲ ଭାସ୍କରଚନ୍ଦ୍ର କର ମଞ୍ଚାସୀନ ଥିଲେ। ବିଶେଷ କରି ଗୁଣାତ୍ମକ ଶିକ୍ଷାର ପ୍ରସାର କ୍ଷେତ୍ରରେ ଉକ୍ତ ବିଦ୍ୟାଳୟ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକର୍ଷିତ କରିଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।




## ଆଗରପଡ଼ା ହାଇସ୍କୁଲ

**ବନ୍ତ/ଆଗରପଡ଼ା:** କୃଷ୍ଣଚରଣ ବିଦ୍ୟାମନ୍ଦିର(ହାଇସ୍କୁଲ) ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ, ଫେଲୋସିପ ନିର୍ଦ୍ଦେଶକ ଏସଏମ. ଫାରୁକ, କୃଷକ ସମାଚାର ସଂପାଦକ ଡ. ଲଲାଟେନ୍ଦୁ ଆଇଚ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ପ୍ରଶାନ୍ତ ଦାଶ, ଜିଲ୍ଲା ପରିଷଦ ସଭ୍ୟା ରୁନୀତା ଦାସ, ସରପଞ୍ଚ ସୁଭଦ୍ରା ସିଂହ, ପ୍ରକାଶ ବିଶ୍ୱାଳ, ସାହିତ୍ୟିକ ଜଇନୁଲ ଆବେଦିନ, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଏସଏମସି ଅଧ୍ୟକ୍ଷ ସନ୍ତୋଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶରତ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



## ● ଜିଲ୍ଲାପାଳଙ୍କ ତାଗିଦ

# ପୂର୍ବାହ୍ନ ୧୦ଟା ପୂର୍ବରୁ କାର୍ଯ୍ୟରେ ଯୋଗଦିଅ

**ଭଦ୍ରକ, ୨୮ ।୧(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନରେ ବହୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଠିକ୍ ସମୟରେ ଆସୁନାହାନ୍ତି। ପ୍ରଶାସନରେ ଏହି ଦୀର୍ଘଦିନର ଅବ୍ୟବସ୍ଥାକୁ ଜିଲ୍ଲା ପ୍ରଶାସନର ମୁଖ୍ୟ ଜିଲ୍ଲାପାଳ ଦିଲ୍ଲୀପ ରାଉତାଏ ଉପଲବ୍ଧି କରିଛନ୍ତି। ଅଧିକାରୀ ଓ କର୍ମଚାରୀଙ୍କ ବିଳମ୍ବରେ ଅଫିସ କାର୍ଯ୍ୟରେ ଯୋଗଦେବା ଏକ ଅଭ୍ୟାସରେ ପରିଣତ ହେଲାଣି ବୋଲି ଜିଲ୍ଲାପାଳଙ୍କ ଦୃଷ୍ଟିଗୋଚର ହୋଇଛି। ଏଭଳି ଅଭ୍ୟାସଗତ ଆଚରଣ ଉପରେ ଜିଲ୍ଲାପାଳ ଏବେ କଡା କଟକଣା ଲଗାଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ପୂର୍ବାହ୍ନ ୧୦ଟା କିମ୍ବା ତା'ପୂର୍ବରୁ ନିଜ ନିଜ କାର୍ଯ୍ୟାଳୟରେ ପହଞ୍ଚିବେ। ଯଦି ୧୦ମିନିଟ ବିଳମ୍ବ ହୁଏ ତେବେ ଏହା ବିଚାରକୁ ନିଆଯିବ। ଏଥିରେ ବ୍ୟତିକ୍ରମ ଘଟିଲେ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠାନ ଉପ ବିଭାଗ ତରଫରୁ ଗତ ୨୭ ତାରିଖରେ ପତ୍ର ସଂଖ୍ୟା ନମ୍ବର-୨୬୮ ରେ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଶଙ୍ଖୁଳା ହାଇସ୍କୁଲ ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି

**ଭଣ୍ଡାରିପୋଖରୀ,୨୮ ।୧(ସମିସ):** ମଞ୍ଜୁରୀରୋଡ ଶଙ୍ଖୁଳା କଳ୍ପତରୁ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା କଳ୍ପତରୁ ନାୟକଙ୍କୁ ବିଦ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପାତ୍ର ମୁଖ୍ୟବକ୍ତା, ଶେଣ୍ଡତୀରା ହାଇସ୍କୁଲ ପ୍ରଧାନଶିକ୍ଷକ ଅନନ୍ତ ଚରଣ ନାୟକ ମୁଖ୍ୟଅତିଥି, ନିଳୋକ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଜେନା, ସମାଜସେବୀ ଦିବାକର ନାୟକ, ଶିକ୍ଷକ କୈଳାସ ଚନ୍ଦ୍ର ସାମଲ, ଆନନ୍ଦଚନ୍ଦ୍ର ପାଢୀ, ଶିକ୍ଷାସଂଯୋଜକ କୁସୁମଲତା ମହାପାତ୍ର ଓ ସଦାଶିବ ଦାସ ସମ୍ମାନି ଅତିଥି ଭାବେ ସ୍ୱର୍ଗତ ପ୍ରତିଷ୍ଠାତାଙ୍କ ଆଦର୍ଶ ଓ କର୍ମନିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଭଣ୍ଡାରିପୋଖରୀ ଏବିଇଓ ମଞ୍ଜୁଳା ନାୟକ ଓ ବନସ୍ତା ପ୍ରଧାନଶିକ୍ଷକ ଦେବେନ୍ଦ୍ର ଜେନାଙ୍କୁ ଶକୁନ୍ତଳା ନାୟକ ସ୍ମୃତିସମ୍ମାନରେ ସମ୍ମାନିତ କରାଯାଇଥିଲା। କଳ୍ପତରୁ ଉଚ୍ଚ ବିଦ୍ୟାଳୟ ପ୍ରମୋଦ ଦାସ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ କବିତା ମହାରଣା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଆଶ୍ରୀବାଦ ବେହେରା, ବିଶ୍ୱରଞ୍ଜନ ଭୂତିଆ, ଆଲୋକ ଜେନା, ଚନ୍ଦ୍ରଶେଖର ମୁଦୁଲି, ଶିକ୍ଷା କର୍ମଚାରୀ ସଦାଶିବ ଶଙ୍ଖୁଆ ଓ ଗୋପିନାଥ ନାୟକ ଉତ୍ସବ ପରିଚାଳନା କରିଥିଲେ।



# ଚରମ୍ପା ମହାବିଦ୍ୟାଳୟ ଏବିଭିପି କ୍ୟାମ୍ପସ୍ ୟୁନିଟ୍ ଗଠିତ



**ଭଦ୍ରକ,୨୮ ।୧(ସମିସ):** ବିଶ୍ୱର ସର୍ବବୃହତ୍ ରାଷ୍ଟ୍ରବାଦୀ ଛାତ୍ର ସଂଗଠନ ଭଦ୍ରକ ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଚରମ୍ପା ମହାବିଦ୍ୟାଳୟରେ ଯୁକ୍ତ ୩ ବିଭାଗର କ୍ୟାମ୍ପସ ୟୁନିଟ ଘୋଷଣା କରାଯାଇଛି। ସଭାପତି ଭାବେ ଜୟଦେବ ସାହୁ, ଚାରି ଜଣ ଉପସଭାପତି ହେଲେ ଲକ୍ଷ୍ମୀପ୍ରିୟା ପୁହାଣ, ମନୋଜ ବାରିକ, ସୌମ୍ୟରଞ୍ଜନ ମହାନ୍ତି, ରାଜେଶ ଦାସ, ସମ୍ପାଦକ ଭାବେ ହନୁମାନ ଗୁପ୍ତା, ଚାରି ଜଣ ସହସମ୍ପାଦକ ଜନ୍ମଜୟ ଜେନା, ରଶ୍ମିତା ଦାସ, ସ୍ମୃତିରେଖା ପଣ୍ଡା, ଶୁଭ୍ରାଂଶୁ ପଣ୍ଡା, କ୍ରୀଡ଼ା ପ୍ରମୁଖ ଅର୍ପିତା ସେଠୀ, ଛାତ୍ରୀ ପ୍ରମୁଖ ପୂଜା ଜେନା, ମିଡ଼ିଆ ସଂଯୋଜକ ପରମେଶ୍ୱର ମହାନ୍ତି, ସିଡିଡି ପ୍ରମୁଖ ଚନ୍ଦନ ବେହେରା, ସହ ପ୍ରମୁଖ ହୃଷୀକେଶ ଜେନା, ଏସଏସଏସ ପ୍ରମୁଖ ପଙ୍କଜ ଦାସ ଏବଂ ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ତୃପ୍ତିରଞ୍ଜନ ପାତ୍ରଙ୍କ ନାମ ନଗର ସମ୍ପାଦକ ଓଁକାର ମହାନ୍ତି ଘୋଷଣା କରିଥିଲେ। ଆଗାମୀ ଦିନରେ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ଭଦ୍ରକ ଜିଲ୍ଲା ଜନସମ୍ପର୍କ ପ୍ରମୁଖ ତଥା ଚରମ୍ପା ମହାବିଦ୍ୟାଳୟର ଛାତ୍ର ନେତା ଆୟୁଷ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଭଦ୍ରକ ନଗର ସହସମ୍ପାଦକ କାହ୍ନା ଜେନା, ଇନ୍ଦ୍ରଜିତ ବାରିକ, ପ୍ରସନ୍ନ ବେହେରା, ଚିରନ୍ ଜ୍ୟୋତି ସୁନାରଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପ୍ରେସ୍ କ୍ଲବ ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ




**ଧାମନଗର,୨୮ ।୧(ସମିସ):** ଧାମନଗର ପ୍ରେସ୍ କ୍ଲବ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ଏହି ଅବସରରେ ସକାଳେ ଏନଏସି ଅନ୍ତର୍ଗତ ସାଗର ଭୂଇଁୟା ପାର୍କ ନିକଟରେ ଥିବା ପ୍ରେସ୍ କ୍ଲବ କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ବୈକୁଣ୍ଠନାଥ ସାହୁ ସାମ୍ବାଦିକ ବନ୍ଧୁଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରେସ୍ କ୍ଲବ ସାଧାରଣ ସମ୍ପାଦକ ରଜତ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅନୀଲ ବାରିକ, ବାସୁଦେବ ତ୍ରିପାଠୀ, ରସାନନ୍ଦ ମହାପାତ୍ର, ସୁଧାକର ଦାଶ, କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ଗୋଲାମ ଜିଲାନି ହବିବ, ଅଭିମନ୍ୟୁ ମଲ୍ଲିକ, ଅନନ୍ତ ଜେନା, ବିବେକାନନ୍ଦ ସାମଲ, ସଂଜୀବ ମହାନ୍ତି, ସନ୍ତୋଷ ମହାପାତ୍ର, ପ୍ରଦୀପ ମହାପାତ୍ର, ପ୍ରମୋଦ ସ୍ୱାଇଁ, ସରୋଜ ସେଠୀ, ଗୌରାଙ୍ଗ ଦାସ, ଦୀନକୃଷ୍ଣ ମହାପାତ୍ର, ଏମଡି ଜାବିର ବାବୁ, ସେକ ହମିଦ୍, ତାପସ ରଞ୍ଜନ ସାହୁ ଯୋଗ ଦେଇଥିଲେ।

# କ୍ୟାପ୍‌ଟେନ ଷ୍ଟିଲ୍ ଉଦ୍‌ଘାଟିତ

**ବାରିକପୁର,୨୮ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଛତାବର ଟୋଲ ପ୍ଲାଜା ନିକଟ କୁଶଗଡିଆ ଛକଠାରେ କ୍ୟାପଟେନ ଷ୍ଟିଲର ଅଧିକୃତ ବିତରଣ ସଂସ୍ଥା ଉଦଘାଟିତ ହୋଇଯାଇଛି। ପୁରଭି ଷ୍ଟିଲ ପ୍ରାଇଭେଟ୍ ଲିମିଟେଡ ବିକ୍ରେତା କେନ୍ଦ୍ରଠାରେ ଜିଲ୍ଲା ବିତରଣ ଅଧିକାରୀ ସରୋଜ ପାତ୍ରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ କ୍ୟାପଟେନ ଷ୍ଟିଲର ଓଡ଼ିଶା ମୁଖ୍ୟ ବବିତା ପୃଷ୍ଟି ଯୋଗ ଦେଇଥିଲେ। ବିଶେଷ କରି ସବୁଜ ବିପ୍ଲବ ଯୁଗରେ ବାସଗୃହ ସମେତ ବିଭିନ୍ନ ନିର୍ମାଣ କାର୍ଯ୍ୟରେ କଳଙ୍କ ମୁକ୍ତ ଲୁହା ଛଡ଼ ଯୋଗାଇ ଦେବାକୁ କ୍ୟାପଟେନ ଷ୍ଟିଲ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ପରିଚାଳକ ଚିନ୍ମୟ ମିଶ୍ର, ଉପ ପରିଚାଳକ ମାଣିକ କୁମାର, ବିକ୍ରୟ ଅଧିକାରୀ ମଳୟ ମହାରଣା, ସୌଭାଗ୍ୟ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଭଦ୍ରକ, ଯାଜପୁର, କେନ୍ଦୁଝର ଜିଲ୍ଲାର ଅଧିକୃତ ସଂସ୍ଥା ସତ୍ତ୍ୱାଧିକାରୀ ଯୋଗ ଦେଇଥିଲେ।



## ଯଶୋଟିକିରି ମହାବୀର କପ କ୍ରିକେଟ

# ସେମିରେ ବାଲେଶ୍ୱର ଆଦର୍ଶ କ୍ଲବ୍

**ଭଣ୍ଡାରିପୋଖରୀ/ବାରିକପୁର, ୨୮।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରି କ୍ରିକେଟ ପଡିଆରେ୨୮ତମ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ କ୍ୱାଟର ଫାଇନାଲ ମ୍ୟାଚ ମଙ୍ଗଳବାର ୧୧ଷ୍ଟାର ଯାଜପୁର ଓ ବାଲେଶ୍ୱର ଆଦର୍ଶ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୧ ଷ୍ଟାର ୨୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୯୫ ରନ ସ୍କୋର କରିଥିଲା। ବ୍ୟାଟ୍ସମ୍ୟାନ ସାନ୍ତନୁ ଦାସ ୬୮, ସ୍ୱରାଜ ଚୌଧୁରୀ ୪୮ ଓ ପ୍ରଦୀପ୍ତ ଦାସ ୩୩ ରନ ସ୍କୋର କରିଥିଲେ। ବିପକ୍ଷ ବୋଲର ସାର୍ଥକ ଚୌଧୁରୀ ୫ ଓଭର ବୋଲିଂ କରି ୪୧ ରନ ବିନିମୟରେ ୪ ଉଇକେଟ ହାସଲ କରିଥିଲେ। ଜବାବରେ ଆଲେଶ୍ୱର ଆଦର୍ଶ କ୍ଲବ ୨୩ ଓଭରରେ ୭ ଉଇକେଟ ହରାଇ ୧୯୮ ରନ ହାସଲ କରି ବିଜୟୀ ହୋଇ ସେମିରେ ପ୍ରବେଶ କରିଥିଲା। ମୁକେଶ କୁମାର ୬୭, ଆକ୍ରମ ଖାଁ ୩୯ ରନ ଓ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୩୫ ରନ ସ୍କୋର କରିଥିଲେ। ବିପକ୍ଷ ବୋଲର ସୌରଭ ଶ୍ରୀବାସ୍ତବ ୫ ଓଭର ବୋଲିଂ କରି ୪୦ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ବିଜୟୀ ଦଳର ଖେଳାଳୀ ମୁକେଶ କୁମାର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାର୍ଥକ ବିଶ୍ୱାଳ ଓ ଦୁର୍ଗା ପଟ୍ଟନାୟକ ଅମ୍ପାୟାର, କମର ଖାଁ ଓ ସଚିନ ରଥ ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ, ପ୍ରଶାନ୍ତ ପଟ୍ଟନାୟକ ଓ ଜ୍ଞାନ ଘଡେଇ ଧାରା ବିବରଣୀ ପ୍ରଦାନ କରିଥିଲେ। ସାଗର ରଥ ମ୍ୟଚ ରେଫରୀ ଥିଲେ।

## ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ ଉତ୍ସବ

**ପାଣିକୋଇଲି, ୨୮ ।୧(ସମିସ):** କୋରେଇ ବ୍ଲକ୍ ଅନ୍ତର୍ଗତ ମୂଳାପାଳସ୍ଥ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଛି । ସଭାପତି ବୃନ୍ଦାବନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଶ୍ରୀହରି ଧଳ, ମୁଖ୍ୟବକ୍ତା ଭାବେ ପୂର୍ବକେନ୍ଦ୍ର ସହମନ୍ତ୍ରୀ ହେମନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ ପ୍ରମୁଖ ଯୋଗଦେଇଥିଲେ । ପରିଚାଳନା କମିଟିର ସହସମ୍ପାଦକ ରାଜକିଶୋର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା କମିଟି ସମ୍ପାଦକ ଦିଲ୍ଲୀପ ଧଳ, ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଭାପତି ବିଷ୍ଣୁଚରଣ ଧଳ, ଶରତ ଧଳ, ମାନସ ଧଳ, ଭଗବାନ ସାହୁ, ପ୍ରମୋଦ ସାହୁ, ବାସୁଦେବ ପରିଡାଙ୍କ ସମେତ ଉଭୟ ଲିଙ୍ଗେଶ୍ୱର ଉନ୍ନୟନ କମିଟି ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ, ବିଦ୍ୟାଳୟର ସମସ୍ତ ଗୁରୁଜୀ/ଗୁରୁମା, ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏ ଅବସରରେ ବିଦ୍ୟାଳୟର ପୁରାତନ ଗୁରୁଜୀ/ଗୁରୁମା, ପରିଚାଳନା କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ନବୀନ ସରକାରଙ୍କ ଅବଦାନ

# କୋରେଇରେ ଉଦ୍‌ଘାଟିତ ହେଲା ଏସ୍‌ଟିପିଆଇ ପାର୍କ

**ବ୍ୟାସନଗର/କୋରେଇ,୨୮ ।୧(ସମିସ)**

ବିଗତ ନବୀନ ସରକାର ସମୟରେ କୋରେଇ ବ୍ଲକ୍ ତେନ୍ତୁଲିଖୁଣ୍ଟାଠାରୁ ଏସଟିପିଆଇ ବା ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆର ଏକ ଶାଖା ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଥିବାବେଳେ ଆଜି ଏହାକୁ ଉଦ୍‌ଘାଟନ କରାଯାଇଛି । ଏହି ନୂତନ ଏସଟିପିଆଇ କେନ୍ଦ୍ରକୁ କେନ୍ଦ୍ର ରେଳବାଇ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଭୁବନେଶ୍ୱରସ୍ଥ ଜନତା ମଇଦାନରେ ଆୟୋଜିତ ଉତ୍କର୍ଷ ଓଡ଼ିଶାର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ରହି ଅଭାଷୀ ମାଧ୍ୟମରେ ଏହି କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ସହ ମଞ୍ଚରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ । ତେନ୍ତୁଲିଖୁଣ୍ଟାଠାରେ ଆୟୋଜିତ ଉଦ୍‌ଘାଟନୀ ସମାବେଶରେ କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସଟିପିଆଇର ନିର୍ଦ୍ଦେଶକ ସୂର୍ଯ୍ୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ସୂଚନା ମୁତାବକ, ଏସଟିପିଆଇ-ଯାଜପୁରର ତଳ ଓ ଉପର ମହଲାରେ ପ୍ରାୟ ୨୦୦୦୦ ବର୍ଗଫୁଟର ଅତ୍ୟାଧୁନିକ ଇନ୍‌କ୍ୟୁବେସନ୍ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି । ଏହାବ୍ୟତୀତ ଏସଟିପିଆଇ ଯାଜପୁରରେ ପ୍ଲଗ ଆଣ୍ଡ ପ୍ଲେ ଇନକ୍ୟୁବେସନ୍, ସମ୍ମିଳନୀ କକ୍ଷ, ମିଟିଂ ରୁମ, ନେଟୱାର୍କ ଅପରେସନ୍ ସେଣ୍ଟର ଓ କ୍ୟାଫେଟେରିଆ ଆଦି ସୁବିଧା ରହିଛି । ଏସଟିପିଆଇ ଭବନ ନିର୍ମାଣ ପାଇଁ ଓଡ଼ିଶା ସରକାର ୩ ଏକର ଜମି ଆବଣ୍ଟନ କରିବା ସହ ସରକାରୀ ଅନୁଦାନ ପ୍ରଦାନ କରିଛନ୍ତି । ଡିଜିଟାଲ ଇଣ୍ଡିଆର ପରିକଳ୍ପନାକୁ ଆଗକୁ ବଢ଼ାଇବା ଓ ବିକଶିତ ଭାରତ ସାକାର ଦିଗରେ ଏସଟିପିଆଇର ଯୋଗଦାନ ରହିବ ବୋଲି ସୂଚନା ମିଳିଛି ।

## ମିଳୁନି ନରହନ୍ତା ବାର୍‌ହା, ଖୋଜୁଛି ବନ ବିଭାଗ

**କବାଟବନ୍ଧ, ୨୮।୧(ସମିସ):** ଜେନାପୁର ଥାନା ଅନ୍ତର୍ଗତ ରେଖିଦେଇପୁର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ବାର୍‌ହାକୁ ଠାବ କରିପାରୁନି ବନ ବିଭାଗ । ଦୁଇଦିନ ଧରି ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ବାର୍‌ହା ରହିଥିବା ସ୍ଥାନରେ ବିଭିନ୍ନ ପ୍ରକାର ଟେକ୍ନୋଲୋଜି ଜରିଆରେ ତୀକ୍ଷ୍ଣ ନଜର ରଖିଥିଲେ ମଧ୍ୟ ବାରହାର ସୁରାକ ମିଳିନାହିଁ । ଏ ନେଇ ସ୍ଥାନୀୟ ରେଖିଦେଇପୁର, କଣ୍ଟାପାଟଣା, ପାଇକେରାପୁର, କଦମପାଟଣା, ବାଲିକୁଦିଆ ଆଦି ନଦୀକୂଳିଆ ଗ୍ରାମର ଲୋକମାନେ ଭୟଭୀତ ଅବସ୍ଥାରେ ରହିଥିବା ଜଣାପଡିଛି । ସ୍ନାନ, ଶୌଚ ପାଇଁ ନଦୀକୁ ଯିବାକୁ ଭୟ କରୁଛନ୍ତି । ଚାଷୀ ଚାଷ ଜମିକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି । ବନ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ କଡ଼ା ନଜର ରଖା ଯାଇ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସତର୍କ ରହିବାକୁ ସୂଚନା ଦେଇଛନ୍ତି ।

## ଚୋରି ଅଭିଯୋଗରେ ଦୁଇ ଗିରଫ

**ସୁକିନ୍ଦା,୨୮।୧(ସମିସ):** ସୁକିନ୍ଦା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି କରିଥିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । କେନ୍ଦୁଝର ଅଞ୍ଚଳର କ୍ଷୀରୋଦ ବସ୍ତିଆ ଆମ୍ବଳବା ପଞ୍ଚାୟତର ବରପାଳ ଗ୍ରାମରେ ଥିବା ବନ୍ଧୁ ଘରେ ରହିଥିଲେ । ଗତ ୨୧ ତାରିଖ ବିଳମ୍ବିତ ରାତିରେ କେହି ଲୁଟେରା ବାଇକ୍ ଚୋରି କରିନେଇଥିଲା । କ୍ଷୀରୋଦ ପରଦିନ ସୁକିନ୍ଦା ଥାନାରେ ଅଭିଯୋଗ କରିଥିଲେ । ସେହି ରାତିରେ ସୁକିନ୍ଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା ରଙ୍ଗାଧର ବାରିକଙ୍କ ଦୋକାନରୁ ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଦୋକାନ ମାଲିକ ଅଭିଯୋଗ କରିଥିଲେ । ପୁଲିସ ଏହି ଦୁଇ ଘଟଣାରେ ଦୁଇ ଅଭିଯୁକ୍ତ ଯାମୁପଶି ଗ୍ରାମର ସୌରଭ ମହାନ୍ତି (୨୪) ଓ ଭୁବନ ଗ୍ରାମର ମାୟାଧର ଦାସଙ୍କ ପୁଅ ସିପୁ ଦାସ(୨୫)କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଚୋରୀ ବାଇକ୍ ଓ ଦୋକାନ ସାମଗ୍ରୀ ଜବତ କରିଥିବା ଜଣାପଡିଛି ।

## ଠିକାଦାରଙ୍କୁ ଦୁର୍ବୃତ୍ତଙ୍କ ଆକ୍ରମଣ ଅଭିଯୋଗ

**ଜାରକା,୨୮।୧(ସମିସ):** ଧର୍ମଶାଳା ଥାନା ଜାରକା ବଜାରରେ ଜଣେ ଠିକାଦାରଙ୍କୁ ଦିନଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିବା ନେଇ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି । ଭବାନୀପୁର ଗ୍ରାମର ଠିକାଦାର ଅକ୍ଷୟ ନାୟକ ସମ୍ପର୍କୀୟଙ୍କ ସୁଧି କାମ ପାଇଁ ଜାରକା ମେନ ମାର୍କେଟସ୍ଥ ରାଜଲକ୍ଷ୍ମୀ ଦୋକାନକୁ ଲୁଗା କିଣିବାକୁ ଯାଇଥିଲେ । ଲୁଗା କିଣି ସାରି ଗାଡ଼ିରେ ବସୁଥିବା ବେଳେ ତିନିଜଣ ଦୁର୍ବୃତ୍ତ ତାଙ୍କୁ ଗାଡିରୁ ଟାଣିଆଣି ମାଡ ମାରିଥିବା ଭାଇରାଲ ଭିଡିଓରୁ ସ୍ପଷ୍ଟ ଦେଖିବାକୁ ମିଳୁଛି । ଅକ୍ଷୟ ଦୁର୍ବୃତ୍ତଙ୍କ କବଳରୁ ଖସିଯାଇ ଧର୍ମଶାଳା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ୫୨/୨୫ରେ ମାମଲା ରୁଜୁ କରି ଦୁର୍ବୃତ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଥିବା ଥାନା ଅଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି ।

## ଗୋଷ୍ଠୀ ସଂଘର୍ଷରେ ୩ ଆହତ, ଜଣେ ଗିରଫ

**କୁଆଖିଆ, ୨୮ ।୧(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ନୂଆହାଟ ଗ୍ରାମରେ ଗୋଷ୍ଠୀ ସଂଘର୍ଷରେ ୩ ଜଣ ଆହତ ହୋଇଥିବାବେଳେ ଜଣକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଆଜି ସକାଳେ ନୂଆହାଟ ଗ୍ରାମର ଭୀମସେନ ଦାଶ, ଅର୍ଜୁନ ଦାସ ଓ ରମା ଦାସଙ୍କ ସହିତ କୈଳାସ ନାୟକଙ୍କ ପୁଅ ପ୍ରକାଶ ଚନ୍ଦ୍ର ନାୟକଙ୍କ କୌଣସି କାରଣରୁ ବଚସା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରକାଶ ଭୀମସେନ ଓ ତାଙ୍କ ଭାଇ, ମାଆଙ୍କୁ ମାଡ଼ ମାରି ଆହତ କରିଥିଲେ । ଏହାକୁ ନେଇ ଭୀମସେନଙ୍କ ପରିବାର କୁଆଖିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରକାଶଙ୍କୁ ଗିରଫ କରି ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

## ନୀଳାଚଳ କାରଖାନା ସମ୍ମୁଖରେ ଛୁରାମାଡ଼

**ଦାନଗଦି, ୨୮।୧(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ କାରଖାନା ସମ୍ମୁଖରେ ଆଜି ରାତ୍ର ସମୟରେ ବିସ୍ଥାପିତ ପରିବାର ପକ୍ଷରୁ ଆନ୍ଦୋଳନ ଚାଲୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଏହି ଛୁରାମାଡ଼ରେ ଯୁବକ ଜଣକ ରକ୍ତାକ୍ତ ହୋଇପଡିଥିବା ଦେଖିବାକୁ ମିଳିଛି । ତେବେ ତାଙ୍କର ସଠିକ ପରିଚୟ ମିଳିପାରିନାହିଁ । ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଏଥିରେ ଅନ୍ୟ ଦୁଇଜଣ ବ୍ୟକ୍ତି ଗୋବିନ୍ଦ ମୁଣ୍ଡା ଓ ସୁମନ୍ତ ମହାନ୍ତ ଆହତ ହୋଇଥିବା ଜଣାପଡ଼ିଛି ।

## ୧୪ ସବ୍‌ଇନ୍ସପେକ୍ଟର ଓ ଜଣେ ଏଏସ୍‌ଆଇଙ୍କ ବଦଳି

**ପାଣିକୋଇଲି, ୨୮ ।୧(ସମିସ):** ଯାଜପୁର ଜିଲ୍ଲା ପୁଲିସରେ ୧୪ ଜଣ ସବଇନ୍ସପେକ୍ଟର ଓ ଜଣେ ଏଏସ୍‌ଆଇଙ୍କ ଜିଲ୍ଲା ମଧ୍ୟରେ ବଦଳି କରାଯାଇଛି । ଦାନଗଦି ବିଟ୍ ହାଉସର ସବଇନ୍ସପେକ୍ଟର ଅଜୟ ସାହୁଙ୍କୁ ଯାଜପୁରରୋଡ ଥାନା, ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ଅମୂଲ୍ୟ ମିଶ୍ରଙ୍କୁ ଦାନଗଦି ବିଟ ହାଉସ, ଅଳକୁଣ୍ଡ ଥାନାରୁ ପ୍ରଶାନ୍ତ ଦାଶଙ୍କୁ ପାଣିକୋଇଲି ଥାନା, ଯାଜପୁରରୋଡ ଥାନାରୁ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନଙ୍କୁ କାଳିଆପାଣି ଥାନା, ବିଂଝାରପୁର ଥାନାରୁ କଳ୍ପଲତା ପ୍ରଧାନଙ୍କୁ ସୁକିନ୍ଦା ଥାନା, ସୁକିନ୍ଦା ଥାନାର ସୁଦାମ ଚରଣ ନାୟକ, ଅଭୟ ନାୟକ ଓ ଗୋପାଳ ଦାସଙ୍କୁ ବିଂଝାରପୁର ଥାନା, ବାଲିଚନ୍ଦ୍ରପୁର ଥାନାର ସାରଥି ମହାନ୍ତିଙ୍କୁ ପାଣିକୋଇଲି ଥାନା, ପାଣିକୋଇଲି ଥାନାର ସ୍ମୃତିମଞ୍ଜରୀ ବଡଜେନାଙ୍କୁ ଯାଜପୁର ସଦର ଥାନା ଓ ପ୍ରକାଶ ପ୍ରଧାନଙ୍କୁ ଟମକା ଥାନା, ଟମକା ଥାନାର ଫିରୋଜ ଏକ୍କାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟ, ବିଂଝାରପୁର ଥାନାର ସୁବ୍ରତ ସାହୁ ଓ ବିଶ୍ୱନାଥ କରଙ୍କୁ ସୁକିନ୍ଦା ଥାନା, ଜେନାପୁର ଥାନା ଏଏସ୍‌ଆଇ ରଞ୍ଜିତା ମହାରଣାଙ୍କ ଯାଜପୁର ସଦର ଥାନାକୁ ବଦଳି କରାଯାଇଛି ।

## ଅମଠପୁରରେ ସମ୍ବିଧାନ ସୁରକ୍ଷା ସମାବେଶ

**ବରୀ,୨୮।୧(ସମିସ):** ବରୀ ବ୍ଲକ୍ ଅନ୍ତର୍ଗତ ଅମଠପୁରଠାରେ ସାମାଜିକ ଜନକଲ୍ୟାଣ ସେବା ସଂଘ ଆନୁକୂଲ୍ୟରେ ସମ୍ବିଧାନ ସୁରକ୍ଷା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଆମ୍ବେଦକର ବିକାଶ ପରିଷଦର ସଭାପତି ଦୁର୍ଯ୍ୟୋଧନ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁରର ପୂର୍ବତନ ସାଂସଦ ଅଞ୍ଚଳ ଦାସ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଅମୀୟ ପାଣ୍ଡବ ଯୋଗଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଅକ୍ଷୟ ମଲ୍ଲିକ, ସଂଘମିତ୍ରା ଜେନା, ଦେବେନ୍ଦ୍ର ସାହୁ, ବସନ୍ତ ମଲ୍ଲିକ, ଅଟଳ ବିହାରୀ ଜେନା, ଉମାକାନ୍ତ ମଲିକ, ମନୋରଞ୍ଜନ ଜେନା, ଧର୍ମେନ୍ଦ୍ର ସିଂହ ପ୍ରମୁଖ ଯୋଗଦେଇ ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହ ସମ୍ବିଧାନର ସୁରକ୍ଷା ପାଇଁ ସମସ୍ତ ଦେଶବାସୀ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭିକାରୀ ଦଳେଇ ଅତିଥି ପରିଚୟ ଦେଇଥିବାବେଳେ ରାଜେନ୍ଦ୍ର ଦଳେଇ ସଭା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅରକ୍ଷିତ ମଲିକ, ନିର୍ମଳ ଚନ୍ଦ୍ର ଜେନା ଓ ଉମାକାନ୍ତ ମଲିକ ପ୍ରମୁଖ ସହଯୋଗ କରିଥିଲେ ।

## ଇଣ୍ଟିଗ୍ରେଟେଡ ପ୍ରବେଶିକା ଟପ୍ପର ପୁରସ୍କୃତ



**ଦାନଗଦି,୨୮।୧(ସମିସ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳର କୁସୁନପୁରସ୍ଥ ଦେବ ଇଣ୍ଟରନ୍ୟାସନାଲ ସ୍କୁଲରେ ଇଣ୍ଟିଗ୍ରେଟେଡ ପ୍ରବେଶିକା ଟପ୍ପରଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଛି । ବିଦ୍ୟାଳୟ ଖେଳ ପଡିଆରେ ମୁଖ୍ୟଅତିଥି ଅର୍ଜୁନ ପୁରସ୍କାରପ୍ରାପ୍ତ ଅମରେନ୍ଦ୍ର ରାଉତ, ଶିଶୁରୋଗ ବିଶେଷଜ୍ଞ ଡଃ ପ୍ରସନ୍ନ ସାହୁ, ଅଧ୍ୟକ୍ଷ ବୁଦ୍ଧଦେବ ରାଉତ, ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ ରଣା, ଉପ- ପ୍ରଧାନ ଆଚାର୍ଯ୍ୟ ଆରଏନ ରୟତ ସିଂ, ଏକାଡେମିକ ମୁଖ୍ୟ ସୋନିଆ ବେଦୀ ଓ ସିସିଏ ପରିଚାଳକ ବଲବୀର ସିଂ ଉପସ୍ଥିତ ଥିଲେ । ଏ ଅବସରରେ ଇଣ୍ଟିଗ୍ରେଟେଡ ପ୍ରବେଶ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଆରଏନ ରୟତ ସିଂ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟକ୍ଷ ବୁଦ୍ଧଦେବ ରାଉତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## କୋଇଲା ଜବତ କରିବାକୁ ଯାଇ ଖଣି ଅଧିକାରୀ ଓ ପୁଲିସ ହଟହଟା

**ଷଠିପୁର, ୨୮ ।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥରୁ ବାଲିପଶି ଯାଇଥିବା ରାସ୍ତା କଡ଼ରେ ଚୋରା କୋଇଲା ବ୍ୟବସାୟ ଅବାଧରେ ଚାଲିଛି । ଆଜି ଅପରାହ୍ନରେ ୩୦ ଟନରୁ ଉର୍ଦ୍ଧ୍ୱ ଚୋରା କୋଇଲା ଗଚ୍ଛିତ ଥିବା ବାରମ୍ବାର ଅଭିଯୋଗ ହେବାରୁ ଯାଜପୁରରୋଡ ଖଣି ବିଭାଗ ପାଣିକୋଇଲି ପୁଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ଏହା କାହାର ବୋଲି ତଦାରଖ କରିଥିଲା । ଏ ସମ୍ପର୍କରେ କେହି ମୁହଁ ଖୋଲି ନ ଥିଲେ । ଫଳରେ ଖଣି ଅଧିକାରୀ ରଞ୍ଜିତ ଦାସ ଓ ତାଙ୍କ ଟିମ ଥାନାଧିକାରୀ ରଂଜିତ ମହାନ୍ତି ଓ ଟିମଙ୍କ ଉପସ୍ଥିତିରେ ହାଇୱା ଓ ଜେସିବି ମଗାଇ ଜବତ ଚୋରା କୋଇଲାକୁ ବୋଝେଇ କରିଥିଲେ । ଏହି ସମୟରେ ଚୋରା କୋଇଲା ବେପାରୀ ବାଲିପଶି ଗ୍ରାମର ମାନସ ସାହୁ ସହଯୋଗୀଙ୍କ ସହ ପହଞ୍ଚି ଗାଡି ଲୋଡ୍‌କୁ ବନ୍ଦ କରିବା ସହ ପୁଲିସ ଓ ଖଣି ବିଭାଗକୁ ଗାଳିଗୁଲଜ କରିଥିଲେ । ଉଭୟ ବିଭାଗ ସେମାନଙ୍କଠାରୁ ମାସିକିଆ ବଟି ନେଉଥିବାବେଳେ କାହିଁକି ସିଜ କରିବ ବୋଲି ଯୁକ୍ତି କରିଥିଲେ । ଅନ୍ୟ ବେପାରୀ ମାସକିଆ ବଟି ଦେଇ ବେପାର ଚଳାଉଥିବାବେଳେ ସବୁ କୋଇଲା ସିଜ କର ବୋଲି ଦାବି କରିଥିଲେ । ଫଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଉଭୟ ଖଣି ଓ ପୁଲିସ ବିଭାଗର ମୁଖା ଖୋଲିଥିଲା । ନିଜର ସମ୍ମାନ ବଞ୍ଚାଇବାକୁ ଯାଇ କୋଇଲା ଏକ ହାଇୱାରେ ଜବତ କରି ନେଇଥିବାବେଳେ ଏବେବି ସେଠାରେ ଆଉ କିଛି କୋଇଲା ରହିଯାଇଛି । ଖଣି ବିଭାଗ ଜବତ କୋଇଲାକୁ ଯାଜପୁରରୋଡ କାର୍ଯ୍ୟାଳୟକୁ ନେଇଥିବାବେଳେ ପୁଲିସ ତଦନ୍ତ ଜାରି ରଖିଛି ।



## ପୁଲିସ ଅଧିକାରୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

**ପାଣିକୋଇଲି, ୨୮।୧(ସମିସ):** ଯାଜପୁର ଜିଲ୍ଲା ପୁଲିସରେ କାର୍ଯ୍ୟରତ ଜଣେ ପୁଲିସ ସବଇନ୍ସପେକ୍ଟରଙ୍କ ବିରୁଦ୍ଧରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି ଜଣେ ମହିଳା । ମହିଳାଙ୍କ ସ୍ୱାମୀ ନିଶାସକ୍ତ ଅବସ୍ଥାରେ ମାଡ଼ ମାରିବା ସହ ପେଟ୍ରୋଲ ଢାଳି ଜୀବନରୁ ମାରିଦେବାକୁ ଉଦ୍ୟମ କରିବାରୁ ସେ ବାପ ଘରେ ଆଶ୍ରୟ ନେଇଥିଲେ । ପରେ ଏ ନେଇ ୨୦୨୦ରେ ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିଥିଲେ । ସେତେବେଳର ଫାଣ୍ଡି ଅଧିକାରୀ ତଥା ବର୍ତ୍ତମାନ ଯାଜପୁର ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ସବଇନ୍ସପେକ୍ଟର ଚିତ୍ତରଞ୍ଜନ ଜେନା ଅଭିଯୋଗ ଗ୍ରହଣ କରି ମାମଲା ରୁଜୁ କରି ଆସାମୀଙ୍କୁ ଗିରଫ କୋର୍ଟ ଚାଲାଣ କରିଥିଲେ । ପରେ ଚିତ୍ତରଞ୍ଜନ ମହିଳାଙ୍କ ଅଭିଯୋଗ ପତ୍ରରେ ଥିବା ମୋବାଇଲ ନମ୍ବରକୁ ବାରମ୍ବାର ଫୋନ କରି ପ୍ରେମ ନିବେଦନ କରିବା ସହିତ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ । ଉକ୍ତ ପ୍ରସ୍ତାବରେ ମହିଳା ରାଜି ହୋଇ ନ ଥିଲେ । ଯଦି ସେ ନିବେଦନକୁ ଗ୍ରହଣ ନ କରେ ତେବେ ସେ ଆତ୍ମହତ୍ୟା କରିବାକୁ ଧମକ ଦେଇଥଲେ । ସେ ଭୟଭୀତ ହୋଇ ଚିତ୍ତରଞ୍ଜନଙ୍କ କଥାରେ ରାଜି ହୋଇଯାଇଥିଲେ । ଏହାପରେ ଚିତ୍ତରଞ୍ଜନ ମହିଳାଙ୍କୁ ଚଣ୍ଡିଖୋଲସ୍ଥ ମହାବିନାୟକ ମନ୍ଦିରରେ ବିବାହ କରିବା ସହ ଚଣ୍ଡିଖୋଲରେ ଏକ ଘର ଭଡ଼ା ନେଇ ରହୁଥିଲେ । କିଛିଦିନ ମହିଳା ଜାଣିବାକୁ ପାଇଲେ ଯେ ଚିତ୍ତରଞ୍ଜନ ବିବାହିତ ଓ ତାଙ୍କର ସନ୍ତାନ ଅଛନ୍ତି । ଏହାକୁ ନେଇ ମହିଳାଙ୍କ ସହ ଚିତ୍ତରଞ୍ଜନ ଝଗଡ଼ା କରିବା ସହିତ ଶାରିରୀକ ନିର୍ଯାତନା ଦେବା ଆରମ୍ଭ କରିଦେଲେ ଓ ସମ୍ପର୍କ ଛିନ୍ନ କରିଦେଲେ । ସେ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଥିଲେ ଓ ଧର୍ମଶାଳା ଥାନାରେ ଚିତ୍ତରଞ୍ଜନଙ୍କ ନାମରେ ଅଭିଯୋଗ କରିଥିଲେ । କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଯାଜପୁର ଏସପିଙ୍କ ମାଧ୍ୟମରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିଜର ଅଭିଯୋଗ ପତ୍ର ପ୍ରଦାନ କରିବା ସହିତ ନ୍ୟାୟ ଭିକ୍ଷା କରିଛି । ଯଦି ପୁଲିସ ନ୍ୟାୟ ପ୍ରଦାନ ନ କରେ, ସେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଜଣାଇଛନ୍ତି ।

## ଜେନାପୁର ଥାନା ଅଧିକାରିଣୀଙ୍କୁ କାଳିଆପାଣି ଥାନା ଅଧିକାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

**ଯାଜପୁର, ୨୮ ।୧(ସମିସ):** ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ସୁରକ୍ଷା ଯୋଗାଇ ଦେବା ଦାୟିତ୍ୱ ପୁଲିସର । ମହିଳାଙ୍କ ସୁରକ୍ଷା ପାଇଁ ମହିଳା ପୁଲିସଙ୍କୁ ମୁତୟନ କରାଯାଇଥାଏ । କିନ୍ତୁ ଯେତେବେଳେ ସେହି ମହିଳା ପୁଲିସ ଅନ୍ୟ ଜଣେ ପୁଲିସ ଦ୍ୱାରା ନିର୍ଯାତନାର ଶିକାର ହୁଏ, ସେଭଳି ପରିସ୍ଥିତିକୁ ଦୁର୍ଭାଗ୍ୟଜନକ ବୋଲି କୁହାଯାଇପାରିବ । ଠିକ୍ ଏମିତି ଘଟିଛି କଳିଙ୍ଗନଗର ଶିଳ୍ପାଞ୍ଚଳ ଅଞ୍ଚଳରେ । ଆଜି ରାତ୍ର ପ୍ରାୟ ୧୦ଟା ସମୟରେ କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ କାରଖାନା ସମ୍ମୁଖରେ ବିସ୍ଥାପିତଙ୍କ ଆନ୍ଦୋଳନ ଚାଲିଥାଏ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ଥାନା ଅଧିକାରୀ ନିୟୋଜିତ ହୋଇଥିଲେ । କାଳିଆପାଣି ଥାନା ଅଧିକାରୀ ଶିବଚରଣ ଆଇଚ ଓ ଜେନାପୁର ଥାନା ଅଧିକାରିଣୀ ନିରୁପମା ଜେନା ଉପସ୍ଥିତ ଥିଲେ । କିନ୍ତୁ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ କାଳିଆପାଣି ଥାନା ଅଧିକାରୀ ସର୍ବସାଧାରଣ ସ୍ଥାନରେ ଜେନାପୁରର ମହିଳା ଥାନା ଅଧିକାରିଣୀଙ୍କୁ ଗାଳିଗୁଲଜ କରିଥିଲେ । ସ୍ଥାନୀୟ ବିଧାୟକଙ୍କ ସହିତ ଖରାପ ସମ୍ପର୍କକୁ ନେଇ ମଧ୍ୟ ଟିପ୍ପଣୀ ଦେବା ସହିତ ଗୋଡାଇ ଗୋଡାଇ ଆକ୍ରମଣ କରିବାକୁ ଧମକ ଦେଇଥିଲେ । ଏହି ସମୟରେ ନିରୁପମା ପ୍ରତିବାଦ ମଧ୍ୟ କରିଥିଲେ । ସେଠାରେ ଉପସ୍ଥିତ ଥିବା କେତେ ଜଣ ମାଜିଷ୍ଟ୍ରେଟ ସବୁ ଦେଖି ଚୁପ ରହିବାକୁ ବାଧ୍ୟ ହୋଇଥିଲେ । ଏ ଘଟଣା ସଂପର୍କରେ ନିରୂପମା ଯାଜପୁର ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ତେବେ କାଳିଆପାଣି ଥାନା ଅଧିକାରୀ ଶ୍ରୀ ଆଇଚଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ।

## ୧୬ନଂ ଜାତୀୟ ରାଜପଥରେ ଗାଡ଼ି ଅଟକାଇ ୫ ଲକ୍ଷ ଲୁଟ୍

**କୁଆଖିଆ,୨୮।୧(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ନିକଟସ୍ଥ ୧୬ନଂ ଜାତୀୟ ରାଜପଥ ବାଇପାସ ରାସ୍ତାରୁ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୫ ଲକ୍ଷ ଟଙ୍କା ଲୁଟ୍ କରିଛନ୍ତ ଦୁର୍ବୃତ୍ତ । ରାତି ପ୍ରାୟ ୯ଟା ୧୫ ମିନିଟରେ ଯାଜପୁର ବ୍ଲକ୍ ବିଚିତ୍ରପୁରର ବ୍ୟବସାୟୀ ଦିଜେନ୍ଦ୍ର ଦାସ ଓ ସନ୍ତୋଷ ମହାନ୍ତି ଚଣ୍ଡିଖୋଲରୁ ଫେରୁଥିଲେ । ଗଣେଶ ବଜାରରେ ଥିବା ଜଣେ ବ୍ୟବସାୟୀଙ୍କ ନିକଟରୁ ଟଙ୍କା ଆଣିଥିଲେ । ସେ ଯାଉଥିବା କାର୍‌କୁ ବାରବାଟୀ ବାଇପାସ ରାସ୍ତାରେ ଦୁଇଜଣ ଯୁବକ କ୍ୟାମ୍ପର ଗାଡ଼ିରେ ଆସି ଶ୍ରୀ ଦାସଙ୍କ ଗାଡିକୁ ଆଡ୍ଡା ପକାଇ ଅଟକାଇ ଥିଲେ । ଅନ୍ୟ ଦୁଇଜଣ ଯୁବକ ବାଇକ୍‌ରେ ଆସି ଭୁଜାଲିରେ କାର କାଚକୁ ଭାଙ୍ଗିବା ସହ ଗୁଳି ଚଳାଇଥିଲେ ଓ ଟଙ୍କା ବ୍ୟାଗକୁ ଛଡାଇ ନେଇ ଫେରାର ହୋଇଯାଇଥିଲେ । ସାଙ୍ଗରେ ଆଣିଥିବା କ୍ୟାମ୍ପର ଗାଡିକୁ ଛାଡି ଚାଲିଯାଇଥିଲେ । ଧର୍ମଶାଳା ଥାନା ଅଧିକାରୀ ତପନ ନାୟକ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି ।

## ମିଶନ ଶକ୍ତି ଭବନରୁ ଚୋରି



**ଜାରକା,୨୮ ।୧(ସମିସ):** ଧର୍ମଶାଳା ବ୍ଲକ୍ ଜାରକାଠାରେ ଥିବା ମିଶନ ଶକ୍ତି ଭବନରୁ ଗତକାଲି ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । ଗତକାଲି ରାତିରେ କେହି ଦୁର୍ବୃତ୍ତ ବାବା ଗୋକର୍ଣ୍ଣେଶ୍ୱର ମହିଳା ମହାସଂଘ ଭବନ ତାଲା ଭାଙ୍ଗି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରି ନେଇଛନ୍ତି । ଏଥିସହ ଭବନର ବିଭିନ୍ନ ଉପକରଣ ଚୋରି କରିନେଇଛନ୍ତି । ଏ ନେଇ ମିଶନ ଶକ୍ତିର ମହିଳା ତଥା ବାବା ଗୋକର୍ଣ୍ଣେଶ୍ୱର ମହିଳା ମହାସଙ୍ଘର ଉପସଭାପତି ମିନତୀ ନାଥ, ସମ୍ପାଦକ ଶାନ୍ତିଲତା ଦାସ, କୋଷାଧ୍ୟକ୍ଷ ମିନତୀ ପଣ୍ଡା ଓ ସମସ୍ତ କାର୍ଯ୍ୟକାରୀ ସଭ୍ୟା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ଟାଟା ଓ ନୀଳାଚଳ କାରଖାନା ଫାଟକ ଆଗରେ ବିସ୍ଥାପିତଙ୍କ ଆନ୍ଦୋଳନ




**ଦାନଗଦି, ୨୮ ।୧ (ସମିସ)**

ଆଜି ପୁଣି କଳିଙ୍ଗନଗର ଅଶାନ୍ତ ହୋଇଉଠିଛି । ଟାଟା କାରଖାନା ଦ୍ୱାରା ବିସ୍ଥାପିତ ହୋଇଥିବା ଆଦିବାସୀ ପରିବାର କାରଖାନାରେ ନିଯୁକ୍ତି ଦାବି କରି ଆନ୍ଦୋଳନ କରିଛନ୍ତି । ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରଶାସନ ସେମାନଙ୍କ କଥା ନ ଶୁଣିବା ଫଳରେ ଆଜି ସେମାନେ ସଂଘବଦ୍ଧ ଭାବେ କାରଖାନା ଫାଟକ ସମ୍ମୁଖରେ ବିକ୍ଷୋଭ କରିଛନ୍ତି । କାରଖାନା ମୁଖ୍ୟ ଫାଟକ ବନ୍ଦ କରି ଦେବା ସହ ଭିତରକୁ କାହାରିକୁ ଛାଡ଼ି ନ ଥିଲେ । ଯାହାକୁ ପାଇଲେ ଗୋଡେଇ ଗୋଡେଇ ପିଟିଲେ । ସୁରକ୍ଷା ଅଧିକାରୀ ମାଡ଼ ଭୟରେ ଲୁଚିଲେ ।

ସେହିପରି ଅପରାହ୍ନରେ ନୀଳାଚଳ କାରଖାନା ଫାଟକ ସମ୍ମୁଖରେ ମଧ୍ୟ ବିସ୍ଥାପିତ ପରିବାର ଲୋକେ ପୂର୍ବ ଦାବି ମୁତାବକ ହଠାତ ୪୦ରୁ ଉର୍ଦ୍ଧ୍ୱ ମହିଳା ପହଞ୍ଚି ଫାଟକ ଭିତରକୁ ଜୋର ଜବରଦସ୍ତ ପଶିଥିଲେ । ଏଥିରେ ସୁରକ୍ଷାକର୍ମୀ ପ୍ରତିରୋଧ କରିବାରୁ ସେମାନଙ୍କୁ ଆକ୍ରମଣ କରିଥିଲେ । ଉଭୟଙ୍କ ମଧ୍ୟରେ ଦୀର୍ଘ ୨ ଘଣ୍ଟା ଧରି ଯୁକ୍ତିତର୍କ ଚାଲିବା ଫଳରେ ଚାପା ଉତ୍ତେଜନା ଦେଖାଦେଇଥିଲା । ଖବର ପାଇ କଳିଙ୍ଗନଗର ଏଏସପି ଓ ଥାନା ଅଧିକାରୀ ପୁଲିସ ଫୋର୍ସ ସହ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ ଉତ୍ତେଜନା ଲାଗିରହିଛି । ଅନ୍ୟପକ୍ଷରେ ଟାଟା ଆନ୍ଦୋଳନକାରୀଙ୍କୁ ଟାଟା ସୁରକ୍ଷା ବାହିନୀ ଆକ୍ରମଣକୁ ନିନ୍ଦା କରିଛି ସିଭିଲ ସୋସାଇଟି ଗଣସଂଗଠନ । ମଙ୍ଗଳବାର ସନ୍ଧ୍ୟାରେ ଟାଟା ସୁରକ୍ଷା କର୍ମୀ ଆନ୍ଦୋଳନକାରୀଙ୍କୁ ଆକ୍ରମଣ କରିଛନ୍ତି । ମହିଳାଙ୍କ ସହ ପୁରୁଷ ଲୋକଙ୍କୁ ମଧ୍ୟ ଟାଟା ସିକ୍ୟୁରିଟି ଗାର୍ଡ ମାଡ଼ ମାରିଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି । ବିସ୍ଥାପିତଙ୍କ ସ୍ୱରକୁ ଚାପି ଦେବାକୁ ଜିଲ୍ଲା ପ୍ରଶାସନ ସୁରକ୍ଷା କର୍ମୀଙ୍କୁ ଢାଲ କରି ଆକ୍ରମଣ କରିଥିବା ବିସ୍ଥାପିତ ପରିବାର ଲୋକେ କହିଛନ୍ତି । ଏହାକୁ ନେଇ ସିଭିଲ ସୋସାଇଟି ଫୋରମ ଯାଜପୁର, ସର୍ବହରା ସୁରକ୍ଷା ସମିତି, ମୂଳନିବାସୀ ୟୁନାଇଟେଡ଼ ଫୋରମ, ସାମାଜିକ ସମତା ଅଭିଯାନ ଯାଜପୁର, ଏସସି-ଏସଟି ଜଏଣ୍ଟ ଆକ୍ସନ କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ତେବେ ଟାଟା କାରଖାନା ପରିସରରେ ବିସ୍ଥାପିତଙ୍କ ସହ ପୁଲିସ ପ୍ରଶାସନ ଓ ଟାଟା କର୍ତ୍ତୃପକ୍ଷଙ୍କୁ ନେଇ ବୈଠକ ଜାରି ରହିଛି ।

